## ତମ୍ବାଛଡା ମଣ୍ଡିରେ ବଡ଼ ବ୍ୟତିକ୍ରମ

# ହଟହଟାର ଶିକାର ହେଉଛନ୍ତି ଦିବ୍ୟାଙ୍ଗ ଚାଷୀ





- ମଣ୍ଡିରୁ ଉଠୁନି ଧାନ ଆଶ୍ୱାସନାରେ ଚାଲିଛି ବେପାର
- ଏବେ ଧାନ ନୁହେଁ ଚାଲିଛି ଟୋକନ୍ ବିକ୍ରି
- ୬୩ ଲକ୍ଷ ୪୧କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଉଠିଲାଣି,
- ତଥାପି ହୀନସ୍ଥାରେ ଚାଷୀକୁଳ

ଭବାନୀପାଟଣା, ୨୪।୨(ସମିସ)

କଳାହାଣ୍ଡି ଜିଲ୍ଲାରେ ଅନ୍ୟବର୍ଷ ଅପେକ୍ଷା ଏଥର ଖରିଫ ଧାନ ବିକ୍ରି ବ୍ୟବସ୍ଥା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ମଣ୍ଡି ଆରମ୍ଭରୁ ଚାଷୀ ଟୋକନ ସମସ୍ୟା, ମିଲର୍ସଙ୍କ ଆନ୍ଦୋଳନ ଓ ଶ୍ରମିକ ସମସ୍ୟାର ଫାଇଦା ନିର୍ଦ୍ଦିଷ୍ଟ କେତେକ ମିଲର୍ସ ଉଠାଇଛନ୍ତି। ଆରମ୍ଭରୁ ମଣ୍ଡି ନଚାଲିଲେ ମଧ୍ୟ ଚାଷୀଙ୍କୁ ଅଗ୍ରୀମ ଟଙ୍କା ଦେଇ କମ୍ ଦରରେ ଧାନ ମିଲର୍ସ କବଜା କରିବାର ନୀତି ଆପଣେଇ ଥିଲେ। ମଣ୍ଡି ଚାଲିବାପରେ ଧାନ ମଣ୍ଡିକୁ ଆସିଲା ଟୋକନ ସମସ୍ୟା ପୁଣି ମୁଣ୍ଡବିନ୍ଧାର କାରଣ ସାଜିଲା।ଧାନ ଥିଲେ ଟୋକନ ନାହିଁ ଏବଂ ଟୋକନ ଆସିଲେ ଧାନ ଉଠିନଥିଲା। ସେଥିପାଇଁ ଜିଲ୍ଲାରେ ଧାନ ଉଠାଣ ପ୍ରକିୟା ସମ୍ପୂର୍ଣ୍ଣ ମନ୍ଥର ହୋଇପଡ଼ିଥିଲା। ଗତ ବର୍ଷ ଖରିଫ ଧାନ ସଂଗ୍ରହ ଫେବୃଆରୀ ୧୦ରେ ଶେଷ ହୋଇଥିବା ବେଳେ ଚଳିତ ଖରିଫ ଧାନ ସଂଗ୍ରହ କିନ୍ତୁ ବର୍ତ୍ତମାନ ଯାଏଁ ଚାଲିଛି। ଆହୁରି କେତେଦିନ ଚାଲିବ ସେ ହିସାବ ଯୋଗାଣ ବିଭାଗ ପାଖରେ ନାହିଁ। ଦୁଃଖ ଓ ପରିତାପର ବିଷୟ ଯେ ତମ୍ବାଛଡା ମଣ୍ଡିରେ ଏଥର ବଡ଼ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜଣେ ଦିବ୍ୟାଙ୍ଗ ଚାଷୀ ସଞ୍ଜୀବ ପାତ୍ର ନିଜ ଧାନ ବିକ୍ରି ପାଇଁ ହଟହଟା ହେବାର ସବୁ ସୀମା ପାର କରିସାରିଛନ୍ତି। ତଥାପି ତାଙ୍କର ଦ୍?ତୀୟ ଟୋକନ ଧାନ ପ୍ରାୟ ୭୫କ୍ୱିଣ୍ଟାଲ ଆଜି ସୁଦ୍ଧା ଉଠିପାରୁନି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟ ଶାସନସଚିବଙ୍କୁ ପତ୍ର ମାଧ୍ୟମରେ ନିଜ ଦୁଃଖ ଜଣାଇ ସାରିଲେଣି। ଆଶ୍ରା ବାଡ଼ି ଖଣ୍ଡେ ଧରି ମଣ୍ଡିକୁ ବାରମ୍ବାର ଯାଇ ନୟାନ୍ତ ହୋଇସାରିଛନ୍ତି। ଦିବ୍ୟାଙ୍ଗ ଚାଷୀ ଶ୍ରୀ ପାତ୍ର ପ୍ରଥମ ଟୋକନ ପାଇ ୭୫କ୍ୱିଣ୍ଟାଲ ଧାନ ବିକ୍ରି କରିଥିଲେ। ଦ୍ୱିତୀୟ ଟୋକନ ୭୫କ୍ୱିଣ୍ଟାଲ ଆସିଥିଲା। କିନ୍ତୁ ବିଡମ୍ବନା ଏହା ଯେ ଧାନ ଏବେ ସୁଦ୍ଧା ସେମିତି ୭୫କ୍ୱିଣ୍ଟାଲ ମଣ୍ଡିରେ ଏକ ମାସରୁ ଊାସର ଦିନ ହେବ ତମ୍ବାଛଡା ମଣ୍ଡିରେ ପକାଇ ରଖି କହୁଛନ୍ତି ଧାନ ରଙ୍ଗହୀନ ହୋଇଗଲା। ମଣ୍ଡିରେ ଧାନ ପଡ଼ି ରହିଲେ ଧାନର ମାନ ନଷ୍ଟ ହେବା ସ୍ୱଭାବିକ ତେଣୁ ଦାୟୀ କିଏ ହେବ ତାହା ହିଁ ବଡ଼ ପ୍ରଶ୍ନ। ମଣ୍ଡିରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ବାରମ୍ବାର ଭୁଆଁ ବୁଲାଇ ଶେଷରେ କହିଲେ ୭୫କ୍ୱିଣ୍ଟାଲ ଧାନ ର ମାନ ଅତ୍ୟନ୍ତ ଖରାପ ଅବସ୍ଥାରେ ପହଞ୍ଚିଲାଣି। ଦିବ୍ୟାଙ୍ଗ ବ୍ୟକ୍ତି ସଞ୍ଜୀବ ପାତ୍ର କହିଥିଲେ ଯଦି ମୋ ଧାନ ଖରାପ ତେବେ ମୋତେ ମୋ ଧାନ ମୋତେ ଫେରେଇ ଦିଅ। ତାହା ମଧ୍ୟ କରାଯାଉନାହିଁ। ଦ୍ୱିତୀୟ ଟୋକନ ଧାନ ବିକ୍ରି ହୋଇନି ଦିବ୍ୟାଙ୍ଗ ଶ୍ରୀ ପାତ୍ରଙ୍କ ତୃତୀୟ ଟୋକନର ୨୮.୭୦କ୍ୱିଣ୍ଟାଲ ଧାନ ଆସିସାରିଛି କିନ୍ତୁ ତାହା ମଣ୍ଡିରେ ରେଜିଷ୍ଟ୍ରେସନ୍ କରାଯାଉନାହିଁ। ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଶ୍ରୀ ପାତ୍ରଙ୍କୁ କେବଳ ଆଶ୍ୱାସନା ଦେଇ ଘଟଣାକୁ ଗଡ଼ାଇ ଚାଲିଛନ୍ତି।

ସୂଚନାଯୋଗ୍ୟ ଧର୍ମଗଡ଼ ବ୍ଲକର ମାଟିଆ ଅଞ୍ଚଳରେ ରହୁଥିବା ଶ୍ରୀପାତ୍ର ଜଣେ ଦିବ୍ୟାଙ୍ଗ ତାଙ୍କ ମେରୁଦଣ୍ଡରେ ଆଘାତ ଲାଗିବାପରେ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ଅବସ୍ଥାରେ ଜୀବନ ବିତାଉଛନ୍ତି। ଚାଷ କାର୍ଯ୍ୟପ୍ରତି ଅହେତୁକ ଆଗ୍ରହ କାରଣରୁ ସେ ଚାଷକାମ ଛାଡି ପାରୁନାହାନ୍ତି। ଧାନ ରୁଆ ବେଉଷଣରୁ ଅମଳ ସମୟରେ ମଧ୍ୟ ନିଜ ଗାଁ ମାଟିଆରେ ସବୁ କଥା ବୁଝନ୍ତି। କୌଣସି ବର୍ଷ ଧାନ ବିକ୍ରି ପାଇଁ ଏତେ ମାତ୍ରାରେ ହୀନସ୍ଥା ହୋଇନଥିଲେ ବୋଲି ପ୍ରକାଶ କରିଛନ୍ତି। ସେ ଜଣେ ଶିକ୍ଷିତ ଚାଷୀ। କଥାହେଲା ଶିକ୍ଷିତ ଚାଷୀ ଯଦି ଏଭଳି ଦୁର୍ଦ୍ଦଶାର ଶିକାର ହେଉଛନ୍ତି ତେବେ ସାଧାରଣ ଚାଷୀ କି ପ୍ରକାର ହନ୍ତସନ୍ତ ହେଉଥିବେ ତାହା ସହଜରେ ଅନୁମେୟ। ତମ୍ବାଛଡା ମଣ୍ଡିର ଏଭଳି ଅବିବେକୀ କାର୍ଯ୍ୟ ପାଇଁ କିଏ ଉତ୍ତରଦାୟୀ ହେବେ ! ଧର୍ମଗଡ଼ ବିଧାୟକଙ୍କ ସମେତ ରାଜ୍ୟର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ଜିଲ୍ଲାର ଜିଲ୍ଲାପାଳଙ୍କୁ ମଧ୍ୟ ଏହି ପ୍ରସଙ୍ଗ ଜଣାଇ କୌଣସି ସୁଫଳ ମିଳିନାହିଁ। ଦ୍ୱିତୀୟ ଟୋକନର ଆଇ ସ୍କାନ ହୋଇନାହିଁ ତୃତୀୟ ଟୋକନ ରେଜିଷ୍ଟ୍ରେସନ୍ କରାଯାଉନାହିଁ ମଣ୍ଡିରେ ବିଧି ବ୍ୟବସ୍ଥାରେ କେଉଁଠି ତ୍ରୁଟି ରହୁଛି ତାହାର ଏକ ଉଚ୍ଚ ସ୍ତରୀୟ ତଦନ୍ତର ଆବଶ୍ୟକତା ଦରକାର। ଦିବ୍ୟାଙ୍ଗ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କହିଛନ୍ତି ଯେ ମୁଁ ବାରମ୍ବାର ତମ୍ବାଛଡା ମନ୍ଦିର ଡିଇଓଙ୍କୁ କହିଛି ସଞ୍ଜୀବ ପାତ୍ରଙ୍କ ଧାନ ଉଠାଇ ନିଅ। ଯଦି ଖରାପ ଧାନ ହୋଇଥିବ ଆନାଲେଶିସ କରି ରିପୋର୍ଟ ଶ୍ରୀପାତ୍ରଙ୍କୁ ଦେଇଦିଅ।ଯଦି ଏଥିରେ ଖିଲାପ କରୁଛନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ହାସ୍ୟାସ୍ପଦ କଥା ଦ୍ୱିତୀୟ ଟୋକନ ଲାପ୍ସ ହୋଇଗଲା ହେଲେ ପରିଣାମ ଶୂନ। ଚଳିତ ଖରିଫ ଋତୁରେ ସରକାର ୬୬ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟ ଦେଇଥିବା ବେଳେ ଯୋଗାଣ ବିଭାଗ ୬୪ଲକ୍ଷ ୮୨ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ସ୍ଥିର କରିଛି। ତେବେ ବର୍ତ୍ତମାନର ସ୍ଥିତିରେ ଟୋକନ ଅନୁସାରେ କେତେ ଧାନ ମଣ୍ଡିରେ ଅଛି ସେ ହିସାବର ସ୍ୱଷ୍ଟତା ନାହିଁ। ସେପଟେ ବିଳମ୍ବରେ ମଣ୍ଡି ଖୋଲିବା ସୁଯୋଗରୁ କିଛି ଚାଷୀଙ୍କ ଯେଉଁ ଧାନ ମିଲର୍ସ ହାତେଇ ଥିଲେ ତାହା ରେକର୍ଡଭୁକ୍ତ କରିବାକୁ ଏବେ ତତ୍ପରତା ପ୍ରାକାଶ ପାଇଛି କେବଳ ଟୋକେନ ୫୦୦/୭୦୦ଟଙ୍କାରେ କିଣା ବିକା ଚାଲିଥିବା ନଜିର ରହିଛି। ଯାହା ଅନୁମାନ କରାଯାଉଛି ସମସ୍ତଙ୍କ ଜ୍ଞାନ୍ତସାରରେ ମଣ୍ଡି ଅବ୍ୟବସ୍ଥାକୁ ପ୍ରଶୟ ଦିଆଯାଉଛି।ଏତିକି କୁହାଯାଇପାରେ କଳାହାଣ୍ଡିରେ ଧାନ ସଂଗ୍ରହ ନୀତିର ବୁଢିଆଣୀ ଜାଲରେ ଦିବ୍ୟାଙ୍ଗ ଭଳି ଚାଷୀ ଠାରୁ ନିରୀହ ଚାଷୀ ଭାଗ ଚାଷୀ ପେଷୀ ହେବା ସାର ହେଉଛି।

- ନିଗମ ହେଲାନି

## ରାଜ୍ୟସଭା ପାଇଁ କଳାହାଣ୍ଡିରୁ ଅନେକ ଆଶାୟୀ

ଭବାନୀପାଟଣା, ୨୪।୨(ସମିସ): ରାଜ୍ୟରେ ବିଜେପି ସରକାର ଆସିବା ପରେ ଉଭୟ ସାଶକ ଓ ବିରୋଧୀ ମଧ୍ୟରେ ଆକ୍ଷେପ ଓ ପତିଆକ୍ଷେପ ଚାଲିଥିବା ବେଳେ ଏବେ ସମୟ ଆସିଛି ରାଜ୍ୟସଭା ନିର୍ବାଚନର. ଆଗାମୀ ଏପ୍ରିଲରେ ଓଡ଼ିଶା ପାଇଁ ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ପାଇଁ ନିର୍ବାଚନ କମିସନ ନୋଟିସ କରିଥିବା ବେଳେ ଶାସକ ବିଜେପି ୨ଟି ଓ ବିରୋଧୀ ବିଜେଡି ୧ଟି ଆସନ ନେବା ନିଶ୍ଚିତ ଥିବାବେଳେ ଗୋଟିଏ ଆସନ କୁଆଡେ ଯିବ ତାହା ବର୍ତ୍ତମାନ ସନ୍ଦେହରେ। ତେବେ ରାଜ୍ୟରେ ବିଜେପି ସାଶନ ଆସିବା ପରେ ବିଜେଡି ଓ କଂଗ୍ରେସରୁ କୋଣ ଠେସା ହୋଇଥିବା ନେତାମାନେ ନିଗମ ପାଇବା ଆଶାରେ ବିଜେପିକୁ ଡେଇଁ ଥିବା ବେଳେ ନିଗମ ନିଶ୍ଚିତ ହୋଇନଥିବାରୁ ଏବେ ରାଜ୍ୟସଭା ପାଇଁ ଲବି ଆରମ୍ଭ କରିଦେଇଛନ୍ତି। ତେବେ ଏଭଳି ଦଳ ବଦଳୁ ନେତାଙ୍କୁ ବିଜେପି ହେୟଜ୍ଞାନ କରୁଥିବା ବେଳେ ଅବିଭକ୍ତ କଳାହାଣ୍ଡିର ଅନେକ ପୁରୁଣା ବିଜେପି ନେତା ରାଜ୍ୟସଭା ପାଇଁ ଆଶା ବାନ୍ଧିଛନ୍ତି। ଏମାନଙ୍କ ମଧ୍ୟରେ ବର୍ତ୍ତମାନର ରାଜ୍ୟସଭା ସାଂସଦ ସୁଜିତ କୁମାର, କଳାହାଣ୍ଡି ମହାରାଜ ଅନନ୍ତ ଦେଓ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଅର୍କ କେଶରୀ ଦେଓ, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ ନାଏକ, କଳାହାଣ୍ଡି ର ବରିଷ୍ଠ ବିଜେପି ନେତା ଭବେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ମହାନ୍ତି, ଆର୍ତ୍ତତ୍ରାଣ ମହାପାତ୍ର, ମନୋଜ ମେହେର, ବର୍ତ୍ତମାନର ଜିଲ୍ଲା ବିଜେପି ସଭାପତି ଯୁଗଳ ପୋଦ୍ଦ ପ୍ରମୁଖ ରାଜ୍ୟ ସଭା ଆସନ ପାଇଁ ଦାବି କରୁଥିବା ଜଣା ପଡ଼ିଛି। ତେବେ କଳାହାଣ୍ଡିରୁ କିଏ ଯିବେ ନା ନାହିଁ ତାହା ଜଣାପଡୁ ନାହିଁ। ଅନ୍ୟରେ ଦଳ ବଦଳୁ ନେତାମାନେ ବରିଷ୍ଠ ନେତାମାନଙ୍କ ଠାରେ ଅଧିଆ ପଡ଼ି କିଛି ବ୍ୟବସ୍ଥା କରିବା ପାଇଁ ନିବେଦନ କରୁଥିବା ଜଣାପଡ଼ିଛି। କିନ୍ତୁ ନିଜ ପାଟି ଛାଡି ନିଜ ସ୍ୱାର୍ଥ ପାଇଁ ପାଟି ବଦଳାଇଥିବା ନେତାଙ୍କ ପାଇଁ ବିଜେପିରେ କୌଣସି ସ୍ଥାନ ନାହିଁ ବୋଲି ବିଜେପିର ଜଣେ ବରିଷ୍ଠ ନେତା ପ୍ରକାଶ କରିଛନ୍ତି।

## ପଞ୍ଚାୟତସ୍ତରୀୟ କନ୍ଧ ସମାଜର ସମୀକ୍ଷା



କର୍ଲାମୁଣ୍ଡା, ୨୪।୨(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତସ୍ତରୀୟ କନ୍ଧ ସମାଜର ସମୀକ୍ଷା ଓ ସଂଗଠନାତ୍ମକ ବୈଠକ ରିଞ୍ଜା ଉତେଇ ନଦୀ କୂଳ ଆମ୍ବ ବଗିଚାରେ ଅନୁଷ୍ଠିତ ହୋଇଯାଇଛି।ବୈଠକରେ କନ୍ଧ ସମାଜର ସଭାପତି ସମ୍ପତି ଭୋଇ ଅଧକ୍ଷତା କରିଥିଲେ। ବୈଠକରେ ସମ୍ପାଦକ ସନ୍ତୋଷ କୁମାର ଜାନୀ, ଉପସଭାପତି ବୁଢୁ ଭୋଇ ଓ କୋଷାଧକ୍ଷ ଭୀମସେନ ମାଝୀ ପ୍ରମୁଖ ଯୋଗଦେଇ ସମାଜର ଉନ୍ନତି କ୍ଷେତ୍ରରେ ବିଭିନ୍ନ ଆଲୋଚନା କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଗିରିଧାରୀ ମାଝୀ, ଟିକା ଜାନୀ, ଶିବଲାଲ ଭୋଇ, ଭକ୍ତମାଝୀ, ପଦ୍ମନାଭ ମାଝୀ, ଦେବମାଝୀ, ରୋହିତ ମାଝୀ, ଲିଙ୍ଗମାଝୀ, ବୃନ୍ଦା ମାଝୀ, ସରଙ୍ଗ ଭୋଇ ସହ ଅନ୍ୟାନ୍ୟ କନ୍ଧ ସମାଜର ସଦସ୍ୟମାନେ ଉପସ୍ଥିତ ଥିଲେ।ବୈଠକରେ କନ୍ଧ ସମାଜର ସଂଗଠନକୁ ଆହୁରି ସୁଦୃଢ଼ କରିବା, ସାମାଜିକ ଏକତା ବୃଦ୍ଧି, ସମାଜିକ ସମସ୍ୟା ସମାଧାନ ଓ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ବିପୁଳ ନକଲି ବିଦେଶୀ ମଦ ଜବତ; ୨ ଗିରଫ

- ମଦ ଠିପି, ଖାଲି ବୋତଲ ଓ ଷ୍ଟିକର ଜବତ




ଜୁନାଗଡ଼, ୨୪।୨(ସମିସ): କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ବିଶ୍ୱସ୍ତ ସୂତ୍ର ଖବର ପାଇ ମଙ୍ଗଳବାର ସକାଳୁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଜୁନାଗଡ଼ ସହରସ୍ଥିତ ମେଡ଼ିକାଲ ଛକ ନିକଟରେ ଥିବା ସନ୍ତୋଷ ପଟ୍ଟନାୟକଙ୍କୁ ଘରୁ ୩୩ ଲିଟର ନକଲି ବିଦେଶୀ ମଦ ଜବତ ସହ ନକଲି ବିଦେଶୀ ମଦ ଠିପି ୯୮୮ଟି, ଖାଲି ବୋତଲ ୭୩, ଇଏଲ (ସରକାରୀ ଲୋଗୋ ଥିବା ଷ୍ଟିକର ୯୨୪ଟି ଜବତ କରାଯାଇଥିଲା। ଏହାକୁ ନେଇ ଜୁନାଗଡ଼ ଅବକାରୀ ଥାନାରେ ମାମଲା ରୁଜୁ ହୋଇଥିଲା। ଘଟଣାରେ ସମ୍ପୃକ୍ତ ସନ୍ତୋଷ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି। ସମାନ ଘଟଣାରେ ଜୁନାଗଡ଼ସ୍ଥିତ ହଣ୍ଡାଖାଲପଡ଼ାରୁ ରିଙ୍କୁ ମଙ୍ଗରାଜ (୨୮) ଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ରିଙ୍କୁଙ୍କ ଭଡାଘରୁ ନକଲି ବିଦେଶୀ ମଦ ଠିପି ୧୩୩୩, ଖାଲି ବୋତଲ ୧୯, ଇଏଲ (ସରକାରୀ ଲୋଗୋ ଥିବା ଷ୍ଟିକର ହଜାରେଟି ଜବତ କରାଯାଇଥିଲା। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଦବି ଗଲାଣି ଏନ୍‌ଏଚ୍ କଲଭର୍ଟ

## ସ୍ଥାୟୀ ସମାଧାନ ପାଇଁ ପ୍ରୟାସ କରୁନି ବିଭାଗ



କେସିଙ୍ଗା, ୨୪।୨(ସମିସ): କେସିଙ୍ଗା ସହର ମଧ ଦେଇ ଲମ୍ବିଛି ଏନ୍‌ଏଚ ୨୬ ଯାହା ପ୍ରାୟ ପାଞ୍ଚ ସାତ ବର୍ଷ ପୁରୁଣା। ରାସ୍ତା କେବଳ ଏନ୍‌ଏଚ ନାମରେ ପରିଚିତ ହେଲେ ସ୍ଥାନେ ସ୍ଥାନେ ବଡ଼ ବଡ଼ ଗାତ ସହିତ ପିଚୁ ଉପରକୁ ଉଠି ଗାଡ଼ି ଟାୟାରରେ ଲାଗୁଛି।ମରାମତି ନାମରେ କେବଳ ଥୁକ୍ ପୁଲିସ କାମ ଚାଲିଛି। ଗଣମାଧ୍ୟମରେ ଖବର ପ୍ରସାରଣ କଲେ ବିଭାଗ ଦୁଇ ଚାରି ଜଣ ଲେବର ଠିକ୍ କରି ଖାଲଖମାଲକୁ ମରାମତି କରି ଆରାମରେ ରହିଯାଇଛି।ଏନ୍‌ଏଚରେ ରାସ୍ତାର ଏପାରିରୁ ସେପାରି ପାଣି ଯିବା ପାଇଁ ସ୍ଥାନେ ସ୍ଥାନେ କଲଭର୍ଟ ଗୁଡ଼ାକ ତିଆରି କରାଯାଇଛି ହେଲେ ଅଧିକାଂଶ କଲଭର୍ଟ ଦବି ଗଲାଣି ଯେତେ ମରାମତି କଲେ ମଧ୍ୟ କଲଭର୍ଟ ଦବି ଯାଉଛି। ସେମିତି ଏକ କଲଭର୍ଟ କେସିଙ୍ଗା ଭେଟନେରି ଛକ ପାଖରେ ଥିବା ଉକ୍ତ କଲଭର୍ଟ ବର୍ଷକୁ ୪ ରୁ ୫ ଥର ଦବୁଛି ବିଭାଗ ଲେବର ଲଗାଇ ଦବି ଥିବା ସ୍ଥାନରେ ଉପରେ କିଛି ଚିପ୍ସ ପକାଇ ଡାବର୍ ଢ଼ାଳି ନ ହେଲେ ସିମେଣ୍ଟ ବାଲି ପକାଇ ମରାମତି କରୁଛି ହେଲେ ପୁଣି ମାସେ ପରେ ଯୋଉ ସମସ୍ୟାକୁ ସେହି ସମସ୍ୟା। ବିଭାଗ ବର୍ଷକୁ ୪ ଥର ମରାମତି କରୁଛି କିନ୍ତୁ କଲଭର୍ଟ କାହିଁକି ଦବୁଛି ତାହାର କାରଣ ବିଭାଗୀୟ ଯନ୍ତ୍ରୀ ଜାଣିପାରୁ ନାହାଁନ୍ତି କି କେବେବି କ୍ଷେତ୍ର ପରିଦର୍ଶନରେ ଆସିବା କେହି ଦେଖି ନାହାନ୍ତି। କେବଳ ସେହି କଲଭର୍ଟ ନୁହେଁ ବରଂ କେସିଙ୍ଗା ସହରରେ ଥିବା ସମସ୍ତ କଲଭର୍ଟ ଦବି ଗଲାଣି କିନ୍ତୁ ବିଭାଗ ଶୋଇଛି କୁମ୍ଭକର୍ଣ୍ଣ ନିଦ୍ରାରେ।ଯଥା ଶୀଘ୍ର କଲଭର୍ଟ ଗୁଡ଼ାକ ବାରମ୍ବାର କାହିଁକି ଦବୁଛି କାରଣ ଖୋଜି ଉପଯୁକ୍ତ ସମାଧାନ କରିବା ପାଇଁ ସାଧାରଣ ରେ ଦାବି ହେଉଛି।

## ଦୁର୍ଘଟଣାରେ ଜଣେ ଗୁରୁତର, ଜଣେ ଆହତ

ଥୁଆମୂଳରାମପୁର, ୨୪।୨(ସମିସ): କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଥୁଆମୂଳ ରାମପୁରଭବାନୀପାଟଣା ମୁଖ୍ୟ ରାସ୍ତାର ଶିରିମସ୍କା ଛକ ବଳଭଦ୍ର କଲୋନୀ ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୋପୀନାଥପୁର କେନ୍ଦୁମୁଣ୍ଡି ଗାଁର କେଶବ ନାଏକ (୩୨) ନିଜ ଗାଁରୁ ଭବାନୀପାଟଣା ଯାଉଥିବା ବେଳେ, ସାମ୍ନା ପଟରୁ ଆସୁଥିବା ଶିରିମସ୍କା ଗାଁର କାଳିଆ ମାଝୀ (୩୦)ଙ୍କ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଚାଳକ ଘଟଣାସ୍ଥଳରେ ରାସ୍ତା ଉପରେ ପଡ଼ି ଗୁରୁତର ଅବସ୍ଥାରେ ପଡ଼ିଥିଲେ। ଘଟଣା ଦେଖି ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଡାକି ଆହତ ଦୁଇଜଣଙ୍କୁ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଦୁଇଜଣଙ୍କ ମଧ୍ୟରୁ କେଶବ ନାଏକ ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




କୋକସରା, ୨୪।୨(ସମିସ) : କୋକସରା ବ୍ଲକ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଗତ ୮ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। କଲେଜର ଅଧକ୍ଷ ପୁଷ୍ପରାଜ ମେରେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପିତ କାର୍ଯ୍ୟକ୍ରମରେ କୋକସରା ଥାନା ଏଏସ୍ଆଇ ମମତା ଶବର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ସୁବ୍ରତ କୁମାର ବେହେରା, ଅଶ୍ୱିନୀ କୁମାର ପଟ୍ଟନାୟକ, ଜଗନ ଚାନ୍ଦାନୀ, ଅଧ୍ୟାପିକା ବେଦମୟୀ ବାରିକ, ଶୁଭଶ୍ରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ହୋଇଥିଲେ। ଅତିଥିମାନେ ଛାତ୍ରୀମାନେ ଆତ୍ମସୁରକ୍ଷା କୌଶଳ ଶିଖିବା ସହ ଆତ୍ମବିଶ୍ୱାସୀ ହୋଇ ନିଜକୁ ସୁରକ୍ଷିତ କରି ସମାଜ ପାଇଁ ଉଦାହରଣ ହେବା ଉଚିତ ବୋଲି ମତ ଦେଇଥିଲେ। ପ୍ରଶିକ୍ଷକ ପ୍ରିୟଦର୍ଶିନୀ ବେହେରା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା କନକ ମଞ୍ଜୁରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ପ୍ରତାପ ଚନ୍ଦ୍ର ବିଶି, କର୍ମଚାରୀ ଜିତେନ୍ଦ୍ର ପ୍ରଧାନୀ, ସୁନୀଲ ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ।

## ଭୂତଳ ଜଳ ପରିଚାଳନା ନେଇ କର୍ମଶାଳା

ନୂଆପଡ଼ା, ୨୪।୨(ସମିସ): ନୂଆପଡ଼ା ଜିଲ୍ଲାରେ 'ନାକୁଇମ ସୁପାରିଶ ଓ ଭୂତଳ ଜଳ ପରିଚାଳନା' ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳା କେନ୍ଦ୍ରୀୟ ଭୂତଳଜଳ ପରିଷଦ, ଦକ୍ଷିଣ ପୂର୍ବକ୍ଷେତ୍ର ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା।




ନାକୁଇମ୍ ହେଉଛି (ନ୍ୟାସନାଲ ଆକ୍ୱିଫର ମ୍ୟାପିଙ୍ଗ ଆଣ୍ଡ ମ୍ୟାନେଜମେଣ୍ଟ ପ୍ଲାନ) ଏହା ଭୂତଳ ଜଳ ସମ୍ପଦର ସଠିକ ମାପନ, ବୈଜ୍ଞାନିକ ପରିଚାଳନା ଓ ସଠିକ ବ୍ୟବହାର ସୁନିଶ୍ଚିତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ। କର୍ମଶାଳାର ଆରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତ ଅତିଥି ଓ ଅଧିକାରୀମାନଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଉପରେ ଅଲୋକପାତ କରିଥିଲେ। ସେ କହିଥିଲେ ଯେ, ଜିଲ୍ଲାରେ ଭୂତଳ ଜଳର ସଠିକ ସଂରକ୍ଷଣ, ସମୁଚିତ ବ୍ୟବହାର ଓ ପୁନର୍ଭର୍ତ୍ତି ପାଇଁ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଅତ୍ୟାବଶ୍ୟକ। ବୈଜ୍ଞାନିକ ସୁଧାଂଶୁ କୁମାର ମହାନ୍ତି ଓ ରାଜୀବ କୁମାର ତ୍ରିପାଠୀ ନାକୁଇମ ସୁପାରିଶ ଉପରେ ବିସ୍ତୃତ ପ୍ରସ୍ତୁତିକରଣ କରିଥିଲେ। ସେମାନେ ଜଳ ସଂରକ୍ଷଣ ପାଇଁ ଚାଷ ପ୍ରଣାଳୀର ବିବିଧିକରଣ, ଡ୍ରିପ ଇରିଗେଶନ ଓ ସ୍ପ୍ରିଙ୍କଲର ପ୍ରଣାଳୀ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହା ସହ ବର୍ଷାଜଳ ସଂଗ୍ରହ, ଚେକ ଡ୍ୟାମ ନିର୍ମାଣ ଓ ଭୂଗର୍ଭ ଜଳ ପୁନର୍ଭର୍ତ୍ତି ପଦକ୍ଷେପକୁ ଜୋରଦାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କର୍ମଶାଳାରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଉପନିର୍ଦ୍ଦେଶକ (ଭୂଜଳ) ହିମାଂଶୁ କୁମାର ମାଝି, ୱାଟରଶେଡ ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପାତ୍ର, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର, ବିଭିନ୍ନ ବିଭାଗୀୟ ଯନ୍ତ୍ରୀ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଇତିହାସର ସାକ୍ଷୀ ରାଜସ୍ୱ ବଙ୍ଗଳା ଭୂତକୋଠି

## ରାଜା-ରାଜୁଡ଼ାର ଗୌରବ ଭୁଲିଗଲା ପ୍ରଶାସନ

ସିନାପାଲି, ୨୪।୨(ସମିସ)



ନୂଆପଡ଼ା ଜିଲ୍ଲାର ସିନାପାଲି ଅଞ୍ଚଳରେ ଅବସ୍ଥିତ ପୁରୁଣା ରାଜସ୍ୱ ବଙ୍ଗଳା କେବଳ ଏକ ଇମାରତ ନୁହେଁ ଏହା ଏଠାକାର ଇତିହାସର ଜୀବନ୍ତ ସାକ୍ଷୀ। କେବେ ରାଜା-ରାଜୁଡ଼ାଙ୍କ ଶାସନକାଳରୁ ଆରମ୍ଭ କରି ପ୍ରଶାସନିକ କାର୍ଯ୍ୟକଳାପର ମୁଖ୍ୟକେନ୍ଦ୍ର ଭାବେ ଯେଉଁ ବଙ୍ଗଳା ଗରିମାର ପ୍ରତୀକ ଥିଲା। ସେହି ଐତିହ୍ୟବାହୀ ସଂରଚନା ଆଜି ଅବହେଳାର ଶିକାର ହୋଇ ଭୁତକୋଠିର ରୂପ ନେଇଛି। କାଳର ଚକ୍ର ଘୁରିଲା, ପ୍ରଶାସନ ବଦଳିଗଲା, କିନ୍ତୁ ସେଇ ଇମାରତ ନିରବ ଭାବେ ଅତୀତର କଥା କହିଆସୁଥିଲା। ଦୁଃଖର ବିଷୟ, ଯାହାକୁ ସୁରକ୍ଷା କରିବା ଥିଲା ଆମର ଦାୟିତ୍ୱ, ସେହି ସ୍ମୃତିଚିହ୍ନକୁ ଆମେ ଅବହେଳାର ଅନ୍ଧକାରରେ ଛାଡ଼ିଦେଇଛୁ। ଭାଙ୍ଗିପଡୁଥିବା ଦିବାଲ, ଜର୍ଜରିତ ଛାଦ ଓ ଅବ୍ୟବସ୍ଥିତ ପରିବେଶ ଏସବୁ କେବଳ ଏକ ଇମାରତର ନଷ୍ଟ ନୁହେଁ, ଏହା ଆମ ସମାଜିକ ଅସଚେତନତାର ପ୍ରମାଣ। ସବୁଠୁ ଚିନ୍ତାଜନକ ଯେ, ଏହି ପୁରାତନ ବଙ୍ଗଳା ଏବେ କିଛି ଅସାମାଜିକଙ୍କ ଆଡ଼ାସ୍ଥଳୀ ଭାବେ ପରିଣତ ହେଉଥିବା ଅଭିଯୋଗ ମିଳୁଛି। ଯେଉଁ ସ୍ଥାନରେ କେବେ ନୀତି ଓ ପ୍ରଶାସନର ଆଲୋଚନା ହେଉଥିଲା, ସେଠାରେ ଯଦି ଅସାମାଜିକ କାର୍ଯ୍ୟକଳାପ ଚାଲିଥାଏ, ତେବେ ଏହା ଅଞ୍ଚଳର ସୁରକ୍ଷା ପାଇଁ ଗଭୀର ଆଶଙ୍କାର ବିଷୟ। ପ୍ରଶ୍ନ ଉଠୁଛି ଏତେ ବର୍ଷ ଧରି ପ୍ରଶାସନ ଏହାକୁ କାହିଁକି ଅବହେଳା କରୁଛି?। ଏକ ଐତିହ୍ୟବାହୀ ସ୍ଥାପତ୍ୟ କେବଳ ପାଥର ଓ ସିମେଣ୍ଟର ଗଠନ ନୁହେଁ। ଏହା ଆମର ପରିଚୟ, ଆମର ଗୌରବ, ଆମର ଇତିହାସର ଅଂଶ। ଯଦି ଆମେ ଏପରି ସ୍ମୃତିଚିହ୍ନକୁ ସୁରକ୍ଷା କରିପାରୁନାହିଁ, ତେବେ ଆମର ଆଗାମୀ ପିଢ଼ୀ କେମିତି ଜାଣିବେ ନିଜ ଅଞ୍ଚଳର ଗରିମାମୟ ଅତୀତ ସମୟ ଆସିଛି ଏହି ରାଜସ୍ୱ ବଙ୍ଗଳାର ତତ୍କାଳ ସର୍ବେକ୍ଷଣ କରାଯାଉ। ଏହାକୁ ଐତିହ୍ୟ ସ୍ଥଳୀ ଭାବେ ଘୋଷଣା କରି ସୁରକ୍ଷା ଓ ପୁନଃନିର୍ମାଣ କରାଯାଉ। ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡା କରାଯାଉ। ସିନାପାଲିର ଏହି ଐତିହ୍ୟବାହୀ ବଙ୍ଗଳା ପୁନର୍ବାର ଗୌରବର ପ୍ରତୀକ ହେବ କି, ନା କାଳକ୍ଷୟରେ ଧ୍ୱଂସ ହେଇ ଇତିହାସର ପୃଷ୍ଠାରେ ହାରାଇଯିବ ସେଥି ନିର୍ଭର କରୁଛି ଆମ ସଚେତନତା ଓ ପ୍ରଶାସନର ଇଚ୍ଛାଶକ୍ତି ଉପରେ। ଇତିହାସକୁ ରକ୍ଷା କରିବା ମାନେ କେବଳ ଅତୀତକୁ ସୁରକ୍ଷା କରିବା ନୁହେଁ, ଆମ ପରିଚୟକୁ ସୁରକ୍ଷା କରିବା।

ସକାଳ THE SAKALA



www.sakalaepaper.com

# କନ୍ୟା ଭ୍ରୂଣହତ୍ୟା ରୋକିବାକୁ ଜିଲ୍ଲାସ୍ତରୀୟ କର୍ମଶାଳା

ଝାରସୁଗୁଡ଼ା,୨୪।୨(ସମିସ)



ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ 'ପ୍ରାକ୍-ଗର୍ଭଧାରଣ ଏବଂ ପ୍ରସବ ପୂର୍ବ ନିଦାନ କୌଶଳ (ଲିଙ୍ଗ ଚୟନ ନିଷେଧ) ଆଇନ' ବା ପିସି ଏବଂ ପିଏନଡିଟି ଆଇନର ସଫଳ କ୍ରୟାନ୍ୱୟନ ନିମନ୍ତେ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲା ଏବଂ ବ୍ଲକ୍ ସ୍ତରୀୟ ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଆଇନର କଡାକଡ଼ି ଅନୁପାଳନ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ସଚେତନ କରାଯିବା ସହ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଝାରସୁଗୁଡ଼ା ସରକାରୀ ଓକିଲ ବି. ନାଗେଶ୍ୱରୀ, ସହକାରୀ ସରକାରୀ ଓକିଲ ସମୀର ମିଶ୍ର, ଅଧିବକ୍ତା ଆଶିଷ ପଣ୍ଡା, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ, 'ସେହଡା' ସଂଗଠନର ନିର୍ଦ୍ଦେଶିକା ଏବଂ 'ଏ ଖ୍ୟୋୟର ହସ୍ପିଟାଲ'ର ନିର୍ଦ୍ଦେଶିକା ବବିତା ରମାନୀ ଯୋଗ ଦେଇଥିଲେ। ସମାଜରେ କନ୍ୟା ଭ୍ରୂଣହତ୍ୟା ବନ୍ଦ ପାଇଁ ଲିଙ୍ଗ ନିରୂପଣ ଭଳି ଅପରାଧକୁ ରୋକିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଡ.ରାଧାରମଣ ବିରିଆ ପିସି ଏବଂ ପିଏନଡିଟି ଆଇନ ଅନୁଯାୟୀ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକର ନିରୀକ୍ଷଣ ଏବଂ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଡ.ଦୁର୍ଜୟ ଦତ୍ତ ସମାଜରେ କନ୍ୟା ସନ୍ତାନର ସମ୍ମାନ ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ବିଭିନ୍ନ ସାମାଜିକ ସଂଗଠନ ଓ ସରକାରୀ ପକ୍ଷର ଭୂମିକା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ କୌଣସି ବ୍ୟକ୍ତି ବେଆଇନ ବା ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ବିଷୟରେ ସୂଚନା ପ୍ରଦାନ କଲେ ତାଙ୍କ ପରିଚୟ ଗୋପନ ରଖାଯିବା ସହ ସରକାରଙ୍କ 'ସୂଚନାଦାତା ପ୍ରୋତ୍ସାହନ ଯୋଜନା' ଅଧୀନରେ ସେହି ବ୍ୟକ୍ତିଙ୍କୁ ୨୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ନେଇ ଘୋଷଣା ହୋଇଥିଲା।

● ସରକାରଙ୍କ 'ସୂଚନାଦାତା ପ୍ରୋତ୍ସାହନ ଯୋଜନା'

● ବେଆଇନ ଲିଙ୍ଗ ନିରୂପଣର ସୂଚନା ଦେଲେ ୨୫ ହଜାର ଟଙ୍କା ପୁରସ୍କାର

## ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୪।୨(ସମିସ): ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ 'ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ' କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବ୍ଲକ୍‌ର କାର୍ଯ୍ୟରତ ବହୁ ସଂଖ୍ୟକ ସିଆରପିଙ୍କ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଜିଲ୍ଲା ଅଗ୍ରଣୀ ପ୍ରବନ୍ଧକ ଶିରଫାନୀ ନାୟକ ଯୋଗଦେଇ ଚିଟ୍‌ଫଣ୍ଡର ଅପକାରିତା ଏବଂ ଜନସାଧାରଣ କିଭଳି ଠକାମିର ଶିକାର ନହେବେ ସେଥିପାଇଁ ସତର୍କ କରାଇଥିଲେ। ଏହାସହ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବୀମା ଓ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଝାରସୁଗୁଡ଼ା ଓଏଲ୍‌ଏମର ଡିପିଏମ୍ ପୁଷ୍ପଶ୍ରୀ ନାୟକ ଆର୍ଥିକ ସାକ୍ଷରତାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଝାରସୁଗୁଡ଼ା ଶାଖାର ଅଧିକାରୀ ସୁମିତ ପ୍ରାମାଣିକ ସାଇବର ଅପରାଧର ନିରାକରଣ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ଝାରସୁଗୁଡ଼ା,୨୪।୨(ସମିସ): ଜିଲ୍ଲାର ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଅଧୀନ ମହାସିଂମଚିଦା ଆରଡି ରାସ୍ତାରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ନାଚେନମୁରା ଗାଁର ସୁବଳ ଖଡିଆ ଓ ସଞ୍ଜୀବ କିଶାନ ଏକ ବାଇକରେ ଯାଉଥିବା ବେଳେ ବିପରୀତ ଦିଗରୁ ମଚିଦା ଗାଁର ଓମ ପ୍ରକାଶ ପଧାନ (୧୭) ଓ ମିଥିଲେଶ ଭୋଇ ଅନ୍ୟ ଏକ ବାଇକରେ ଆସୁଥିଲେ। ବାଞ୍ଜିପାଲି ଗାଁ ନିକଟରେ ଏକ ବୁଲାଣିରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ଉଭୟ ବାଇକରେ ଥିବା ଓମ ପ୍ରକାଶ, ମିଥିଲେଶ, ସୁବଳ ଓ ସଞ୍ଜୀବ ଗୁରୁତର ହୋଇଥିଲେ। ଖବର ପାଇ, ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଚିତ୍ରସେନ ଦେହେରୀ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଓମ ପ୍ରକାଶଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ସାଇବର୍ ଠକେଇ, ୨ ଗିରଫ

ଝାରସୁଗୁଡ଼ା,୨୪।୨(ସମିସ): ସାଇବର ଠକେଇରେ ଜଡିତ ଆନ୍ତଃରାଜ୍ୟ ସାଇବର ଠକେଇରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଓରିଏଣ୍ଟ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଅମିତ ସିଂହଙ୍କ ସୂଚନା ଆଧାରରେ ମଙ୍ଗଳବାର ଆଉ ଦୁଇଜଣ ଅଭିଯୁକ୍ତ ଓରିଏଣ୍ଟ ଥାନା ଗାୟତ୍ରୀନଗରର ଗଣପତ ରାୟ ଓ ଆଦର୍ଶ ନଗରର ରାଜକୁମ୍ଭାରକୁ ଗିରଫ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ, ଦୁଇଟି ଆଧାର କାର୍ଡ, ଡିଜିଟାଲ ଡକ୍ୟୁମେଣ୍ଟ ଆଦି ଜବତ କରାଯାଇଛି। ମ୍ୟୁଲ ଆକାଉଣ୍ଟ ମାଧ୍ୟମରେ ଠକେଇ କରୁଥିବା ଗ୍ୟାଙ୍ଗର ପ୍ରଦାଫାଶ କରାଯାଇ ଅନେକ ଅଭିଯୁକ୍ତଙ୍କୁ ଜିଲ୍ଲାରେ ପୂର୍ବରୁ ଗିରଫ କରାଯାଇଛି।

■ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ଚୋରି

## ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

ଝାରସୁଗୁଡ଼ା,୨୪।୨(ସମିସ): ଝାରସୁଗୁଡ଼ା ସହର ଉପକଣ୍ଠ ସାରସମାଲ ସ୍ଥିତ ଅର୍ବାନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ କବାଟ ତାଡି ବ୍ୟାପକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମୁଖ୍ୟ ଫାଟକର ତାଲା ଭାଙ୍ଗି ଭିତରକୁ ପଶିବା ସହ ମେଡିକାଲର ଅନେକ ଦାମୀ ସାମଗ୍ରୀ ଲୁଟି ନେଇଛନ୍ତି। ଆଜି ସକାଳେ ହସ୍ପିଟାଲ କର୍ମଚାରୀ କାର୍ଯ୍ୟକୁ ଆସିବା ବେଳେ ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ହୋଇଥିବା ଦେଖିଥିଲେ। ଯାଞ୍ଚ ପରେ ଦୁର୍ବୃତ୍ତ କଳାକନା ବୁଲାଇଥିବା ଜଣା ପଡ଼ିଥିଲା। ଚୋରି ସାମଗ୍ରୀ ମଧ୍ୟରେ ୨ଟି ଇନଭର୍ଟର ବ୍ୟାଟେରୀ, ସିସିଟିଭି ରେକର୍ଡର, ଏଲଇଡି ଟିଭି, ହସ୍ପିଟାଲ ଆସବାବପତ୍ର ଓ ଚିକିତ୍ସା ଉପକରଣ ରହିଛି। ଏ ସମ୍ପର୍କରେ ହସ୍ପିଟାଲର ଫାର୍ମାସିଷ୍ଟ ଶୁଭମ ନାୟକ ଝାରସୁଗୁଡ଼ା ସଦର ଥାନାରେ ଏକ ଲିଖିତ ଏତଲା ଦାୟର କରିଛନ୍ତି। ସିସିଟିଭିର ଡିଭିଆର ଚୋରି ହୋଇଥିବାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା କଷ୍ଟକର ହେଉଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଝାରସୁଗୁଡ଼ା,୨୪।୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ଝାରସୁଗୁଡ଼ା ପୌରପାଳିକା ଅଧୀନ ବିଭିନ୍ନ ସ୍ଥାନରେ ନିର୍ମିତ ହୋଇଥିବା ବହୁମୁଖୀ ପ୍ରେକ୍ଷାଳୟ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ନବନିର୍ମିତ କୋଠାର, ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ସୁବିଧାର ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏହି ପ୍ରେକ୍ଷାଳୟ ଗୁଡ଼ିକ ସହାୟକ ହେବ। ପରିଦର୍ଶନ କାଳରେ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସମ୍ପୂର୍ଣ୍ଣ ହୋଇସାରିଥିବା ବହୁମୁଖୀ ପ୍ରେକ୍ଷାଳୟ ଗୁଡ଼ିକୁ ଜିଲ୍ଲାର ୩ଟି ପୌରପାଳିକା କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ପୌରପାଳିକାର ବରିଷ୍ଠ ଅଧିକାରୀ ଏବଂ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ା:** ଓଡ଼ିଶା ସହରାଞ୍ଚଳ ଆବାସ ମିଶନ ପକ୍ଷରୁ ଜାରି ହୋଇଥିବା ନୂତନ ମାର୍ଗଦର୍ଶିକା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ ଅଧୀନ 'ସୁଲଭ ଭଡ଼ା ବାସଗୃହ' ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଆଜି ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ଏହି ବହୁମୁଖୀ ଗୃହରେ ପ୍ରାୟ ୧୦୦ ଜଣ ଶିଶୁ ଏବଂ ମା'ମାନଙ୍କ ରହିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ ଏବଂ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସେଠାରେ ୧୨ରୁ ଅଧିକ ନୂତନ ଶୌଚାଳୟ ନିର୍ମାଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। କୋଠାର ରକ୍ଷଣାବେକ୍ଷଣ ସହିତ ସ୍ୱଚ୍ଛତା ଓ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ଯେପରି ସୁନିଶ୍ଚିତ ହେବ, ସେଥିପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ଆଗାମୀ ୧୫ ଦିନରେ ବାକି ଥିବା ସମସ୍ତ ନିର୍ମାଣ ଓ ମରାମତି କାର୍ଯ୍ୟକୁ ଶେଷ କରିବାକୁ ଜିଲ୍ଲାପାଳ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳରେ ରହୁଥିବା ଆର୍ଥିକ ଅନଗ୍ରସର ଶ୍ରେଣୀ ଏବଂ ଅଳ୍ପ ଆୟକାରୀ ଗୋଷ୍ଠୀ ଯଥା ପ୍ରବାସୀ ଶ୍ରମିକ, ଗୃହହୀନ ଏବଂ ଅଭାବୀ ଶ୍ରେଣୀର ଲୋକଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଇଦେବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିଛି। ଏଥିରେ ପରିତ୍ୟକ୍ତ ବା ବ୍ୟବହାର ହେଉ ନଥିବା ସରକାରୀ କୋଠାଗୁଡିକୁ ଗରିବ ଶ୍ରେଣୀର ଲୋକଙ୍କୁ ଆଶ୍ରୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି।



ଗରିବଙ୍କ ପାଇଁ ସୁଲଭ ଭଡ଼ାଘର ପ୍ରକଳ୍ପ ସମୀକ୍ଷା

**ଝାରସୁଗୁଡ଼ା:** ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଆଜି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ମୃତ୍ତିକା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଦେଖିବା ସହ କୃଷି ଅଧିକାରୀଙ୍କ ସହ ଜିଲ୍ଲାର କୃଷି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ମୃତ୍ତିକା ପରୀକ୍ଷା ଲାବୋରେଟୋରୀରେ ଚାଷୀଙ୍କ ଜମିରୁ ସଂଗୃହିତ ମୃତ୍ତିକାର ନମୁନା ପରୀକ୍ଷଣ କିଭଳି କରାଯାଉଛି ସେ ନେଇ ଜିଲ୍ଲାପାଳ ପଚାରି ବୁଝିଥିଲେ। ମୃତ୍ତିକାର ଗୁଣବତ୍ତା ଅନୁଯାୟୀ ଚାଷୀ କିଭଳି ଉପଯୁକ୍ତ ସାର ଓ ବିହନ ବ୍ୟବହାର କରିବେ, ସେଥିପାଇଁ ସେମାନଙ୍କୁ ତୁରନ୍ତ 'ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ' ଯୋଗାଇଦେବାକୁ ଜିଲ୍ଲାପାଳ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା କେନ୍ଦ୍ରରେ ଥିବା ବିଭିନ୍ନ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ସହ ଲାବୋରେଟୋରୀର ପରିବେଶକୁ ସ୍ୱଚ୍ଛ ରଖିବାକୁ ଗୁରୁତ୍ୱାରୋପ କରିଥିଲେ। ଚାଷୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ହୁଏ, ସେଥିପ୍ରତି ଯତ୍ନବାନ ରହିବାକୁ ସେ କୃଷି ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।



ଜିଲ୍ଲା କୃଷି କାର୍ଯ୍ୟାଳୟ ଓ ମୃତ୍ତିକା ପରୀକ୍ଷା କେନ୍ଦ୍ର ପରିଦର୍ଶନ

## ଅଲେଖ ମହିମା ବ୍ରହ୍ମଯଜ୍ଞ ଆରମ୍ଭ

ବ୍ରଜରାଜନଗର,୨୪।୨(ସମିସ): ବ୍ରଜରାଜନଗର ସହରାଞ୍ଚଳ ଅଧୀନ ୱାର୍ଡ ନମ୍ବର ୧ ମଣ୍ଡଳୀୟା ସ୍ଥିତ ଅଲେଖ ମହିମା ମଠରେ ବ୍ରହ୍ମ ଯଜ୍ଞ ସୋମବାର ଠାରୁ ଆରମ୍ଭ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ସ୍ଥାନୀୟ ଆଦିବାସୀ କଲୋନୀ ପୋଖରୀରୁ କଳସରେ ଜଳ ଆଣି ଶୋଭାଯାତ୍ରାରେ ମଠ ପର୍ଯ୍ୟନ୍ତ ପହଞ୍ଚି ଥିଲେ। ଯଜ୍ଞ ସ୍ଥଳରେ କଳସ ସ୍ଥାପନ ସହ ଯଜ୍ଞ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ଅତିଥି ରୂପେ ଯୋଗ ଦେଇଥିଲେ। ଆୟୋଜକ କମିଟିର ସଭାପତି ସୁଦର୍ଶନ ଦେବତା, ସମ୍ପାଦକ ମଧୁସୂଦନ ରାଉଳ, ୱାର୍ଡ କାଉନସିଲର ପ୍ରଭାତୀ ଗଡନାୟକ, ମାୟାଧର ସାହୁ, ଗୋବିନ୍ଦ ସାହୁ, ଘାଷିଆ ମଲ୍ଲ, ପିତାମ୍ବର ପ୍ରଧାନ ଓ କମିଟିର ଅନେକ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଯଜ୍ଞ ୪ ଦିନ ଧରି ଆୟୋଜନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ନୂଆଁଡିହିରେ ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଝାରସୁଗୁଡ଼ା,୨୪।୨(ସମିସ): ଜିଲ୍ଲାର ବ୍ରଜରାଜନଗର ପୌର ପରିଷଦ ଅଧୀନ ୱାର୍ଡ ନଂ ୨୨ ନୂଆଁଡିହି ଗାଁରେ ୩୯ ତମ ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗାଁର ଶତାଧିକ ମହିଳା ନିତେଇ ବନ୍ଧରୁ ଜଳ ଆଣି ପୂଜା ସ୍ଥାନରେ ସ୍ଥାପନ କରିଥିଲେ। ଗୁରୁବାର ଅଧିବାସ ହୋଇ ଶୁକ୍ରବାର ଅଖଣ୍ଡ ମାଧବ ଗୌରମନ୍ତ୍ର ନାମ ଆରମ୍ଭ ହୋଇଥିଲା। ସୋମବାର ନାମ ସମାପନ ପରେ ପୂର୍ଣ୍ଣାହୁତି, ନଗର କୀର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ ସହ କଳସ ବିସର୍ଜନ କରାଯାଇଥିଲା। ନାମ ସଙ୍କୀର୍ତ୍ତନରେ ୨୮ ଟି ସଙ୍କୀର୍ତ୍ତନ ଦଳ ଯୋଗ ଦେଇଥିଲେ। ରବିବାର ଗ୍ରାମବାସୀଙ୍କ ତରଫରୁ ୫୬ ଭୋଗ ଅର୍ପଣ କରାଯାଇଥିଲା। ଖଏରକୁନି, ଭଗପାଲି, ମଳଦା ପୁଶୋର, ବରମପୁର, କୁଲିତା ନୂଆଁପାଲି, ତାଳପଟିଆ, ତୁମ୍ବାଯୋର, ଲୁହାଖଣ୍ଡି, ଖୁଣ୍ଟମୁଣ୍ଡା, ଗୋପାଳପାଲି, କାର୍ତ୍ତିକପଡା, ଗୋଲାମାଳ, ଝାରୁପଡା ଓ ବଇଦାର ନୂଆଁପାଲି ସଙ୍କୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିଥିଲେ। ଏହି ନାମଯଜ୍ଞରେ ପୂଜକ ମିତ୍ରଭାନୁ ମିଶ୍ର ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ। ସୁନିଲ କଉଡି ଓ ତାଙ୍କ ଧର୍ମପତ୍ନୀ ଟିକେଶ୍ୱରି କଉଡି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଷଡବୈଷ୍ଣବ ଭାବେ ଚନ୍ଦ୍ରମଣିରଣା, ନିବାସ ପ୍ରଧାନ, କେଦାର ସାହୁ, କିରନ ବଡ଼ାଇ, ରାଧାକାନ୍ତ ପ୍ରଧାନ ଓ ମଣ୍ଟୁ କଉଡି ପ୍ରମୁଖ ଉପସ୍ଥିତ ଥିଲେ।

● ଚେକ୍ ବାଉନ୍ସ ଘଟଣା

## ଜରିମାନା ସହିତ ବ୍ୟବସାୟୀଙ୍କୁ ଜେଲ୍

ଦେବଗଡ଼,୨୪।୨(ସମିସ): ଦେବଗଡ଼ ଏସ୍‌ଡିଜେଏମ୍ ଧନଞ୍ଜୟ ନାୟକ ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ସମ୍ବଲପୁର ଅଇଁଠାପାଲି ଥାନା ଅଧୀନ ଦାନୀପାଲି ଗାଁର ଜଣେ ବ୍ୟବସାୟୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ଉକ୍ତ ବ୍ୟବସାୟୀଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ସହିତ ଜରିମାନା ବାବଦକୁ ୧୫ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ଅଇଁଠାପାଲି ଥାନା ଅଧୀନ ଦାନୀପାଲି ଗାଁରେ 'ଏଜିଏମ୍' ସୋଲାର ଏନର୍ଜୀର ମ୍ୟାନେଜିଂ ଡାଇରେକ୍ଟର ଗଜେନ୍ଦ୍ର ପଟେଲ ସୋଲାର ଏନର୍ଜୀ ବ୍ୟବସାୟ କରୁଛନ୍ତି। ସମ୍ବଲପୁର ସମେତ ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ, ମୟୁରଭଞ୍ଜ, ବାଲେଶ୍ୱର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ପାଇଁ ସେ ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ କରିଥିଲେ। ଏନେଇ ଦେବଗଡ଼ର ବ୍ୟବସାୟୀ ଜିତେନ୍ଦ୍ର ଅଗ୍ରୱାଲା ଓ ଗଜେନ୍ଦ୍ରଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଜିତେନ୍ଦ୍ର ଚୁକ୍ତି ଅନୁଯାୟୀ ଗଜେନ୍ଦ୍ରଙ୍କୁ ୧୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମାତ୍ର ଗଜେନ୍ଦ୍ର ଚୁକ୍ତି ଖିଲାପ କରି ଅନ୍ୟ ଜଣେ ବ୍ୟବସାୟୀଙ୍କୁ ଡିଷ୍ଟ୍ରିବ୍ୟୁଟରସିପ୍ ପ୍ରଦାନ କରିଥିଲେ। ଫଳରେ ଜିତେନ୍ଦ୍ର ନିଜ ୧୧ଲକ୍ଷ ଟଙ୍କା ଫେରସ୍ତ ମାଗିଥିଲେ। ବାରମ୍ବାର ମାଗିବା ପରେ ଗଜେନ୍ଦ୍ର ତାଙ୍କୁ ୪ଟି ଚେକ ପ୍ରଦାନ କରିଥିଲେ। ୨୦୧୮ ସେପ୍ଟେମ୍ବରରେ ଜିତେନ୍ଦ୍ର ଚେକ୍ ଗୁଡ଼ିକୁ ବ୍ୟାଙ୍କରେ ଜମା କରିଥିଲେ। ମାତ୍ର ଟଙ୍କା ନଥିବା ଦର୍ଶାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଚେକ ଗୁଡ଼ିକୁ ଫେରାଇ ଦେଇଥିଲେ। ସେହିବର୍ଷ ଅକ୍ଟୋବରରେ ଜିତେନ୍ଦ୍ର ଓକିଲଙ୍କ ଜରିଆରେ ଗଜେନ୍ଦ୍ରଙ୍କୁ ନୋଟିସ ପଠାଇଥିଲେ। ମାତ୍ର ଗଜେନ୍ଦ୍ର ଓକିଲଙ୍କ ନୋଟିସର ଉତ୍ତର ଦେଇ ନଥିଲେ କି ଟଙ୍କା ଫେରସ୍ତ କରି ନଥିଲେ। ବାଧ୍ୟ ହୋଇ ଜିତେନ୍ଦ୍ର ୨୦୧୮ ଡିସେମ୍ବରରେ ଏନେଇ ଏସ୍‌ଡିଜେଏମ୍‌ଙ୍କ ଅଦାଲତର ଆଶ୍ରୟ ନେଇଥିଲେ। ଅଦାଲତ ଏନ୍‌ଆଇ ଆକ୍ଟରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗଜେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ଝାରସୁଗୁଡ଼ା ବନଖଣ୍ଡର ବ୍ୟାପକ ପ୍ରସ୍ତୁତି

ଝାରସୁଗୁଡ଼ା,୨୪।୨(ସମିସ): ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁର ଭୟାବହତାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମଙ୍ଗଳବାର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନୁ ଅଶୋକ ଭଟ୍ଟ, ଆଇଏଫ୍‌ଏସ, ଡିଏଫଓ, ଜଙ୍ଗଲ ସୁରକ୍ଷା ଓ ଅଗ୍ନି ନିରାକରଣ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ଜଙ୍ଗଲ ନିଆଁ ପ୍ରାକୃତିକ ସମ୍ପଦ ନଷ୍ଟ କରିବା ସହ ବନ୍ୟଜନ୍ତୁଙ୍କ ଜୀବନ ବିପନ୍ନ କରେ ଏବଂ ବାୟୁ ପ୍ରଦୂଷଣ ଓ ଜନବସତି ପାଇଁ ବିପଦ ସୃଷ୍ଟି କରିଥାଏ। ଏହାର ପ୍ରତିକାର ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ଜଙ୍ଗଲ ନିଆଁକୁ ପ୍ରତିହତ କରିବା ପାଇଁ ବନଖଣ୍ଡ ଅଧୀନରେ ୪୫୬ ଆର୍‌କେଏମ୍ ଫାୟାର ଲାଇନ୍ ନିର୍ମାଣ କରାଯାଇଛି। ନିଆଁ ଲିଭାଇବା କାମ ପାଇଁ ୬୪ଟି ସ୍ୱତନ୍ତ୍ର ଫାୟାର ସ୍କ୍ୱାଡ୍ ମୁତୟନ କରାଯାଇଛି। ଏହି ଟିମ୍‌କୁ ୯୧ଟି ଅଗ୍ନିନିର୍ବାପକ ଯନ୍ତ୍ର ଓ ୨୭ଟି ନୂତନ ଲିଫ୍ ବ୍ଲୋୟର୍ ଯୋଗାଇ ଦିଆଯାଇଛି। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରତ୍ୟେକ ରେଞ୍ଜରେ ଗୋଟିଏ ଲେଖାଏଁ ଏହିପରି ମୋଟ ୫ଟି ଗାଡି ନିୟୋଜିତ ହୋଇଛି। ଏଥିସହ ବନଖଣ୍ଡ ସ୍ତରରେ ୯୮୬୧୭୩୫୯୯୫ ନମ୍ବର ସହ ଏକ ୨୪-ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ କରୁଛି।

ବନ ବିଭାଗର ବିଶ୍ଳେଷଣ ଅନୁଯାୟୀ, ଜଙ୍ଗଲ ତଳ ସଫା କରି ମହୁଲ ଫୁଲ ସଂଗ୍ରହ କରିବା ପାଇଁ ନିଆଁ ଲଗାଇବା, କୃଷି ଜମିର ଅବଶିଷ୍ଟାଂଶ ପୋଡିବା ଏବଂ କେନ୍ଦୁପତ୍ରର ଭଲ ଅମଳ ପାଇଁ ନିଆଁ ଲଗାଇବା ହେଉଛି ଅଗ୍ନିକାଣ୍ଡର ମୁଖ୍ୟ କାରଣ। ଏହାବ୍ୟତୀତ ରାସ୍ତା ଦେଇ ଯାଉଥିବା ପଥିକଙ୍କ ଦ୍ୱାରା ଜଳୁଥିବା ବିଡି, ସିଗାରେଟ୍ ବା ଦିଆସିଲି କାଠି ଫିଙ୍ଗିବା ଯୋଗୁଁ ଅନେକ ସମୟରେ ଭୟଙ୍କର ନିଆଁ ଲାଗିଥାଏ। ଗତ ୩ ବର୍ଷର ପରିସଂଖ୍ୟାନ ଅନୁଯାୟୀ, ୨୦୨୫ରେ ସର୍ବାଧିକ ୧୫୨ଟି ଜଙ୍ଗଲ ନିଆଁ ସ୍ଥାନ ଚିହ୍ନଟ ହୋଇଥିଲା। 'ମୋବାଇଲ୍ ରଥ' ଓ ପ୍ରୋତ୍ସାହନ ବ୍ୟବସ୍ଥା ଜନସଚେତନତା ସୃଷ୍ଟି କରିବା ପାଇଁ ବନଖଣ୍ଡ ପକ୍ଷରୁ ସମ୍ବେଦନଶୀଳ ଗାଁ ଗୁଡିକରେ ପରିଭ୍ରମଣ କରୁଛି। ଗାଁ ସ୍ତରରେ ନାଟକ, କ୍ରିକେଟ୍ ମ୍ୟାଚ୍ ଓ ପ୍ରଚାରପତ୍ର ମାଧ୍ୟମରେ ଲୋକଙ୍କୁ ଶିକ୍ଷା ଦିଆଯାଉଛି। ଏହାସହ ଜଙ୍ଗଲର କୌଣସି ସ୍ଥାନରେ ନିଆଁ ଦେଖିଲେ ତୁରନ୍ତ ବିଭାଗକୁ ଜଣାଇବାକୁ ବନ ଅଧିକାରୀମାନେ ନିବେଦନ କରିଛନ୍ତି।

୬୪ ସ୍କ୍ୱାଡ୍ ଓ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍

● ଦ୍ୱିତୀୟ ଦିନରେ ଚାଷୀଙ୍କ ରାସ୍ତାରୋକ

## ଆଲୋଚନା ବିଫଳ, ଜିଦ୍‌ରେ ଅଟଳ ଚାଷୀ

ଇବଥର୍ମାଲ,୨୪।୨(ସମିସ): ମାଁ ସମଲେଇ ଆଞ୍ଚଳିକ କୃଷକ ସଙ୍ଗଠନ ଆହ୍ୱାନ କ୍ରମେ ଲଖନପୁର ବ୍ଲକ୍ ଜୋନ୍-୩ ଅନ୍ତର୍ଗତ ତିଲିଆ ରମ୍ପେଲା କୁମ୍ଭାରବନ୍ଧ ତଥା ପିପିଲିକାନି ପଞ୍ଚାୟତର ଚାଷୀଙ୍କ ରାସ୍ତାରୋକ ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ସୋମବାର ସଂଧ୍ୟାରେ ପ୍ରବଳ ଝଡ ସାଙ୍ଗକୁ ବର୍ଷା ସତ୍ତ୍ୱେ ଚାଷୀ ତାଙ୍କର ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି। ଅନ୍ୟପଟେ ସାହାଜବାହାଲ ସ୍ଥିତ ଜେଏସଡବ୍ଲ୍ୟୁ ପାୱାରପ୍ଲାଣ୍ଟକୁ କୋଇଲା ପରିବହନ ସମେତ ଓପିଜିସି ଓ ଜେଏସଡବ୍ଲ୍ୟୁ ଠାରୁ ଆଶ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସମ୍ବଲପୁରକୁ ଯିବା ଏ ଅଞ୍ଚଳର ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ସାଧାରଣ ଯାତାୟତ ବାଧାପ୍ରାପ୍ତ ହୋଇଛି। ଏଣୁ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। ଆଜି ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଝାରସୁଗୁଡ଼ା ଜିଲ୍ଲା କୃଷକ ସଂଗଠନର ସଭାପତି ଦିଲ୍ଲିପ ବଢ଼େଇ, ପ୍ରବକ୍ତା ବିରଞ୍ଚି ସାହୁ, ସଭ୍ୟ ବିମ୍ବାଧର ବଢ଼େଇ, ହିମାଂଶୁ ପ୍ରଧାନ, ପଞ୍ଚାନନ ପ୍ରଧାନ, ଈଶ୍ୱର ବାରିକ, ସୁନାରି ପାକ୍ସ ସଭାପତି ଗୌତମ ପ୍ରଧାନ, ସରପଞ୍ଚ ସଂଘ ଜିଲ୍ଲା ସଭାପତି ସଞ୍ଜିବ ପ୍ରଧାନ ଅତାବିରା ସରପଞ୍ଚ ସୁଜାତା ପ୍ରଧାନ, ପଣ୍ଡରୀ ସରପଞ୍ଚ ସୁବାସିନୀ ସାହୁ, ପଲସଦା ସରପଞ୍ଚ ତନୟା ଚାନ୍ଦ, ଭିକମପାଲି ସରପଞ୍ଚ ପଦ୍ମିନୀ ସାହୁ, କଂଗ୍ରେସ ଜିଲ୍ଲା ସଭାପତି ଜୀବନ ସାର୍ଥକ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଝାରସୁଗୁଡ଼ା ଏସିଏସଓ ଜୟନ୍ତକୁଣ୍ଡୁ, ଏସିଏସଓ ସୂର୍ଯ୍ୟ ପାଣିଗ୍ରାହୀ, ଲଖନପୁର ସପ୍ଲାଏ ଇନିପେକ୍ଟର ଅଜୟ କେର୍କେଟା, ବନହରପାଲି ଆଇଆଇସି ରଞ୍ଜିତ ନାଏକ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଚାଷୀଙ୍କ ପକ୍ଷରୁ ଜିଲ୍ଲା ସଭାପତି ଦିଲ୍ଲିପ ବଢ଼େଇ, ପ୍ରବକ୍ତା ବିରଞ୍ଚି ସାହୁ, ତିଲିଆ ପେକ୍ସ ସଭାପତି ଭୋନାଥ ବଢ଼େଇ, ବୋର୍ଡ ମେମ୍ବର ଲିଙ୍ଗରାଜ ବଢ଼େଇ, ଦାମୋଦର ବଢ଼େଇ, ପ୍ରେମଚାନ୍ଦ ଠାକୁର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଲୋଚନା ବେଳେ ଅଧିକାରୀ ମାନେ ସୋମବାର ତିଲିଆ ପାକ୍ସକୁ ୩ହଜାର କ୍ୱିଣ୍ଟାଲ ଧାନ କିଣିବାରେ ଟାର୍ଗେଟ ଦିଆ ସରିଛି ଏବଂ ଆଜି ଆହୁରି ୪ହଜାର କ୍ୱିଣ୍ଟାଲ ଧାନ ଉଠିବାର ଟାର୍ଗେଟ ଦିଆଯିବ ବୋଲି କହିବା ସହ ରାସ୍ତାରୋକରୁ ଉଠିଯିବାକୁ ଅନୁରୋଧ କରିଥିଲେ। ହେଲେ ଚାଷୀଙ୍କ ପକ୍ଷରୁ ପାକ୍ସରେ ୯୯୪ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଥିବାରୁ ସରକାରଙ୍କ ନିୟମାନୁସାରେ ୪୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ ଲକ୍ଷ ଥିବା ବେଳେ ଆଜି ପର୍ଯ୍ୟନ୍ତ ମାତ୍ର ୩୧ ହଜାର ୭୧୦ କ୍ୱିଣ୍ଟାଲ ଧାନ କ୍ରୟ କରିବାକୁ ଟାର୍ଗେଟ ଦିଆଯାଇଛି ବୋଲି କୁହାଯାଇଥିଲା। ବାକି ୧୩ ହଜାର ୨୯୦ କ୍ୱିଣ୍ଟାଲ ଧାନ ଟାର୍ଗେଟ ମିଳିବା ବୋଲି ସେମାନେ ଦାବି କରିଥିଲେ। ସରକାର ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ କିଣିବାକୁ ପ୍ରତିଶ୍ରୁତି ବଦ୍ଧ। ହେଲେ ଆନ୍ଦୋଳନ ପରେ ୩ ହଜାର କ୍ୱିଣ୍ଟାଲ ଧାନର ଟାର୍ଗେଟ ଦିଆଗଲା। ସେଥିରେ ଆଲୋଚନା ବିଫଳ ହେବାରୁ ଆଜି ଆଉ ୪ ହଜାର କ୍ୱିଣ୍ଟାଲ ଟାର୍ଗେଟ ଦେବାକୁ କହୁଛନ୍ତି। କିନ୍ତୁ ବାକି ୬ ହଜାର ୨୯୦ କ୍ୱିଣ୍ଟାଲ ଟାର୍ଗେଟ୍ ଦେବା, ପର୍ଯ୍ୟାୟ କ୍ରମେ ଧାନ ଉଠା ଯିବା ଓ ଯେଉଁ ଟୋକନ ସମସ୍ୟାର ସମାଧାନ କରାଯିବାକୁ ଚାଷୀ ଲିଖିତ ପ୍ରତିଶ୍ରୁତି ମାଗିଥିଲେ। ଆଲୋଚନା ଅନେକ ରାଉଣ୍ଡ ସତ୍ତ୍ୱେ ଲିଖିତ ପ୍ରତିଶ୍ରୁତି ମିଳି ନଥିଲା କି ୪ ହଜାର କ୍ୱିଣ୍ଟାଲ ଟାର୍ଗେଟ ଧାନ ପାକ୍ସକୁ ଆସି ନଥିଲା। ଏଣୁ ଚାଷୀ ଅଧିକାରୀ ମାନଙ୍କ କଥାରେ ଅରାଜି ହୋଇ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକାରୀ ଗଣ ଆସି ଆନ୍ଦୋଳନ ସ୍ଥଳରେ ରାତି ୯.୩୦ ଯାଏଁ ଆଲୋଚନା କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରି ପାରି ନାହିଁ।



## ମନ୍ତ୍ରୀ ଓ ସାଂସଦ ଥାଇ ଅବହେଳିତ ଜାତୀୟ ରାଜପଥ-୪୯

ଦାବି ସତ୍ତ୍ୱେ ପ୍ରଶାସନର ଅବହେଳା / ପ୍ରତିଦିନ ଘଟୁଛି ଦୁର୍ଘଟଣା

ଝାରସୁଗୁଡ଼ା,୨୪।୨(ସମିସ): ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଜାତୀୟ ରାଜପଥ ୪୯ ମୃତ୍ୟୁମୁଖା ହେଉଛି। ଏହିରାଜପଥର ନାଁ ଧରିଲେ ଅଞ୍ଚଳବାସୀଙ୍କ ମନରେ ଭୟ ଦେଖା ଦେଉଛି। ସୁରକ୍ଷିତ ଭାବେ ଏହି ରାସ୍ତା ପାରି କରିବାକୁ ଭାଳେଣି ପଡ଼ୁଛି। ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଜନତାଙ୍କ ଜୀବନ ଯାଉଛି କିମ୍ବା ନିଜର ସର୍ବସ୍ୱ ହରାଉଥିବା ଦେଖାଦେଉଛି। ଜିଲ୍ଲାର ପ୍ରତିନିଧିତ୍ୱ କରୁଥିବା ସାଂସଦ, ପୂର୍ବତନ ସାଂସଦ ଏବଂ ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ଏହିରାଜପଥର ଉନ୍ନତି ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନାହାନ୍ତି ବୋଲି ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ସାଧାରଣରେ ଆଲୋଚନା ଜୋର ଧରିଛି। ପୂର୍ବରୁ ଏହି ଜାତୀୟ ରାଜପଥରେ ଅନେକ ଦୁର୍ଘଟଣା ଘଟିଥିଲେ ମଧ୍ୟ ବିଶେଷକରି ଗତ ୨୨ ତାରିଖରେ ହୋଇଥିବା ଦୁର୍ଘଟଣାରେ ୫ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ପରେ ଜିଲ୍ଲାରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଜିଲ୍ଲାରୁ ୨ ଜଣ ବରିଷ୍ଠ ରାଜନେତା ପ୍ରତିନିଧିତ୍ୱ କରୁଥିବା ବେଳେ ଶାସନକଳ ତାଙ୍କ ହାତରେ ରହିଛି। ଏହାସତ୍ତ୍ୱେ ଅଞ୍ଚଳରେ ଗୋଟିକ ପରେ ଗୋଟିଏ ଜୀବନ ନେଉଥିବା ଏହି ଗୋଟିଏ ସଡ଼କର ଉନ୍ନତି କାହିଁକି ହୋଇ ପାରୁନାହିଁ ବୋଲି ଲୋକ ପ୍ରଶ୍ନ କରିଛନ୍ତି।

ଗତ ୨୦୦୨ରେ କେନ୍ଦ୍ରରେ ଥିବା ବିଜେପି ସରକାରରେ ଓଡ଼ିଶାର ଦେବଗଡ଼ ସାଂସଦ ଡ.ଦେବେନ୍ଦ୍ର ପ୍ରଧାନ ପରିବହନ ମନ୍ତ୍ରୀ ହୋଇଥିଲେ। ସେହିବର୍ଷ ଏହିରାସ୍ତାକୁ ଜାତୀୟରାଜପଥ ୨୦୦ର ମାନ୍ୟତା ମଧ୍ୟ ଦେଇଥିଲେ। ପରେ ୨୦୦୪ରେ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚିତ ହୋଇଥିଲେ। ସେ ସମୟର କେନ୍ଦ୍ରର କଂଗ୍ରେସ ସରକାର ବିରୋଧରେ ଅଞ୍ଚଳବାସୀଙ୍କ ପାଇଁ ଲଢ଼ିଥିଲେ। ଫଳରେ ଏହିରାଜପଥ ବିଳାସପୁରରୁ ଚଣ୍ଡିଖୋଲ ଯାଏଁ ୨୦୦୭ରେ ଜାତୀୟରାଜପଥ ୪୯ର ମାନ୍ୟତା ପାଇଥିଲା ଏବଂ ଏହାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ୨୦୦୯ରେ କଂଗ୍ରେସ ସାଂସଦ ସଞ୍ଜୟ ଭୋଇ, ୨୦୧୪ରେ ବିଜେଡି ସାଂସଦ ଡ.ପ୍ରଭାସ ସିଂ, ୨୦୧୯ରେ ବିଜେପିର ସୁରେଶ ପୂଜାରୀ ଏବଂ ବର୍ତ୍ତମାନ ସାଂସଦ ଭାବେ ବିଜେପିର ପ୍ରଦୀପ ପୁରୋହିତ ନିର୍ବାଚିତ ହୋଇ ଅଞ୍ଚଳର ପ୍ରତିନିଧିତ୍ୱ କରୁଛନ୍ତି। ହେଲେ ଏହିରାଜପଥ ଉନ୍ନତି ତଥା ୪ ଲେନ ପାଇଁ କୌଣସି ପ୍ରତିନିଧି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି। କେବଳ ଫାଇଲ ଓ ଡିପିଆରର ବାହାନା ଦେଖାଇ ସମୟ ଗଡ଼ାଇ ଚାଲିଛନ୍ତି। ଏଠାକାର ଜନସାଧାରଣ କେବଳ ଘୋଷଣା ଶୁଣି ଖୁସି ହେଉଥିବା ବେଳେ ଜାତୀୟରାଜପଥରେ ଗମନାଗମନ ଅବସ୍ଥା ଯେମିତି କୁ ସେମିତି ରହିଛି। ପୂର୍ବରୁ ଏଠାକାର ସାଂସଦ ଥିବା ଏବଂ ବର୍ତ୍ତମାନ ଓଡ଼ିଶା ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଥିବା ସୁରେଶ ପୂଜାରୀ ଜଣେ ଜାତୀୟସ୍ତରର ପ୍ରଭାବଶାଳୀ ନେତା ଭାବେ ପରିଚିତ। ମନ୍ତ୍ରୀ ହେବା ପୂର୍ବରୁ ୨୦୧୯ରେ ବରଗଡ଼ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ସମୟରେ କେନ୍ଦ୍ରରେ ବିଜେପିର ସରକାର ମଧ୍ୟ ଥିଲା। ଏହାସତ୍ତ୍ୱେ ରାଜପଥର କୌଣସି ଉନ୍ନତି ହେଲା ନାହିଁ। ଜିଲ୍ଲାରେ ୨ ଜଣ ପ୍ରଭାବଶାଳୀ ନେତା ଥାଇ ମଧ୍ୟ ଏହିରାଜପଥର ଉନ୍ନତିକରଣ ପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ବେଳେ ରାଜପଥରେ ବାରମ୍ବାର ଜନଜୀବନ ହାନୀ ହେଉଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆସନ୍ତା ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ଏହାର ପ୍ରଭାବ ବେଶ୍ ଦେଖିବାକୁ ମିଳିବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ପ୍ରକାଶ କରୁଛନ୍ତି।



# ଲାଞ୍ଜିଗଡ଼ରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



ଲାଞ୍ଜିଗଡ଼, ୨୪।୨(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ କଳାହାଣ୍ଡି ମହାରାଣୀ କସ୍ତୁରୀକା ମୋଦିନୀ ଦେବୀ ଟ୍ରଷ୍ଟ ଏବଂ ଡାକ୍ତର ମୁରଲୀଧର ଚକ୍ଷୁ ଡାକ୍ତରଖାନା ଏଜୁକେସନ ଏଣ୍ଡ ହେଲଥ ଫାଉଣ୍ଡେସନ ଭୁବନେଶ୍ୱର ମିଳିତ ସହଭାଗୀତାରେ ମଙ୍ଗଳବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଟ୍ରଷ୍ଟି ମହାରାଣୀ ରିତୁଜା କୁମାରୀ ଦେବୀ ଯୋଗଦେଇଥିବା ବେଳେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ସୁରେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ଼ ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଭବାନୀପାଟଣାରୁ ଅଶୋକ କୁମାର ନେଗି, ସୁବାସ ମହାପାତ୍ର, ସୁବାଷ ଚନ୍ଦ୍ର ଅଗ୍ରୱାଲ, ଶିଶିର ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଡାକ୍ତର ମୁରଲୀଧର ଚକ୍ଷୁ ଡାକ୍ତରଖାନା ଭୁବନେଶ୍ୱରର ପକ୍ଷରୁ ଡ଼.ରିମା ସରିଆ, ରାଜେନ୍ଦ୍ର ନାଥ, ଶିବ ପ୍ରସାଦ ପଣ୍ଡା ଯୋଗ ଦେଇଥିବା ବେଳେ ଲାଞ୍ଜିଗଡ଼ ସିଏଚ୍‌ସି ପକ୍ଷରୁ ଡ.ନରେନ୍ଦ୍ର ନାଥ ଦାସ, ପ୍ରଭାତି ରାଉତ, ନିଳିମା ଡୁମଡୁମ, ଖେଗେଶ୍ୱର ରାଉତ, ଖୀରସିନ୍ଧୁ ହରିଜନ ସହଯୋଗ କରିଥିଲେ।ଶ୍ରୀମୁଖ ଅଗସ୍ତି, ଚନ୍ଦ୍ର ଧ୍ୱଜ ପେଶନିଆ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଲାଞ୍ଜିଗଡ଼ ବ୍ଲକ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୧୨ ଜଣ ବୃଦ୍ଧ, ବୃଦ୍ଧା, ମହିଳା, ପୁରୁଷ ଓ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଚକ୍ଷୁ ପରୀକ୍ଷା କରିବା ସହ ଡ୍ରପ୍ ଓ ଔଷଧ ବଣ୍ଟନ କରାଯାଇଥିଲା।

## ବାଲ୍ୟବିବାହ ନିରୋଧ କାର୍ଯ୍ୟକ୍ରମ ପ୍ରହସନ

# ନାବାଳିକା ଗର୍ଭବତୀ; କାହା ପାଖରେ ଖବର ନାହିଁ

କଳମପୁର, ୨୪।୨(ସମିସ)

କାନ୍ଥ ବାଡରେ ଶୋଭା ପାଉଛି ଫଳକ, ଅତି ସୁନ୍ଦର ଲେଖାକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ସଂଦେଶ ସମସ୍ତଙ୍କ ଦୃଷ୍ଟି ଗୋଚର ହେଉଛି, କିନ୍ତୁ କାର୍ଯ୍ୟକାରୀତା ନୈରାଶ୍ୟଜନକ, ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି ଓ ଜମିନ ବିହୀନ ଅପରାଧ, ସାବଧାନ ଏଥର ଦୃଢ଼ କାର୍ଯ୍ୟାନୁଷ୍ଠାନ, ବାଲ୍ୟବିବାହ ନିଷେଧ ଅଧିନୀୟମ-୨୦୦୬ର ଧାରା -୯, ୧୦ ଓ ୧୧ଅନୁସାରେ ବାଲ୍ୟବିବାହ କରୁଥିବା ବ୍ୟକ୍ତି, ବାଲ୍ୟବିବାହ କରାଉଥିବା ଯଥା -ପିତାମାତା/ଅଭିଭାବକ/ ଅନୁଷ୍ଠାନ, ବାଲ୍ୟବିବାହ ଭଳି ଏକ ଅପରାଧରେ ସହଯୋଗ କରୁଥିବା ବ୍ୟକ୍ତି ଯଥା - ପୁରୋହିତ, ଜ୍ୟୋତିଷ, ମଧ୍ୟସ୍ଥି, ରୋଷେଇଆ, ବାରିକ, ଟେଣ୍ଟ ମାଲିକ, ବାଜାବାଲା, ବିଉଟିପାର୍ଲର, ପ୍ରିଣ୍ଟିଙ୍ଗ ପ୍ରେସ ଆଦି, ବାଲ୍ୟବିବାହର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ, ଏହାକୁ ବିରୋଧ କରିନଥିବା କିମ୍ବା ଅଧିକାରୀଙ୍କୁ ସୂଚନା ଦେଇନଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡବିଧାନ ବ୍ୟବସ୍ଥା ଲେଖା ଫଳକରେ ରହିଛି। ଏଥିପାଇଁ ୧ଲକ୍ଷ ଜରିମାନା ଓ ୨ବର୍ଷ କାରାଦଣ୍ଡ ପାଇଁ ଘୋଷଣା କରାଯାଇ ଥିବା ବେଳେ ୨୧ ବର୍ଷ ହୋଇନଥିବା ଯୁବକ ଓ ୧୮ ବର୍ଷ ହୋଇନଥିବା ଝିଅର ବିବାହକୁ ବାଲ୍ୟବିବାହ କୁହାଯାଏ। ଏଥିସହିତ ଅପ୍ରାପ୍ତ ବୟସରେ ବିବାହ ଜଣେ ବ୍ୟକ୍ତିର ମାନସିକ ଶାରିରୀକ ଓ ସାମାଜିକ ବିକାଶକୁ ବ୍ୟାଘାତ କରେ ବୋଲି ଉଲ୍ଲେଖ ରହିଛି। ଏହି ଶ୍ଲୋଗାନ ଫଳକକୁ ଶୋଭା ବର୍ଦ୍ଧନ କରୁଥିବା ବେଳେ ଏଥିରେ ରହି ଯାଇଥିବା ବ୍ୟବସ୍ଥା ଏଠାରେ ବଡ ପ୍ରଶ୍ନ ଭାବେ ଉଙ୍କି ମାରିଛି।ଏହାର ସଦ୍ୟ ଉଦାହରଣ କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ହାରାମାଲ ଅଞ୍ଚଳର ଘଟଣାକୁ ତର୍ଜମା କଲେ ସହଜରେ ବୁଝା ପଡ଼ିବ। ଏହି ଅଞ୍ଚଳର ଜନୈକ ଯୁବକ ସହିତ ନିକଟ ବ୍ଲକ ଅଞ୍ଚଳର ଜନୈକା ନାବାଳିକା ଝିଅ ଦୁଇ ବର୍ଷ ପୂର୍ବେ ଆସି ଘର ସଂସାର କଲା। ଏବେ ସେ ଗର୍ଭବତୀ ଥିବା ବେଳେ ଏନେଇ ପ୍ରଶାସନ ପାଖରେ ଖବର ନାହିଁ, ଜଣେ ନାବାଳିକା ଗର୍ଭବତୀ ଥିବା ଖବର ଗ୍ରାମବାସୀ ମହଲରେ ଆଲୋଚନାର ବିଷୟ ପାଲଟି ଥିବା ବେଳେ ବାଲ୍ୟବିବାହ ନୀରୋଧ ଆଇନ କାର୍ଯ୍ୟକାରୀତା ପାଇଁ ପଞ୍ଚାୟତ କର୍ମକର୍ତ୍ତା, ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ପାଖକୁ ଅପହଞ୍ଚ ହୋଇ ରହିଗଲା, କେତେକ ଗ୍ରାମବାସୀ କହିଲେ ସମ୍ପୃକ୍ତ ନାବାଳିକାଙ୍କୁ ଲୁଚାଛପାରେ ଖାଦ୍ୟ ଓ ଔଷଧ ପତ୍ର ବ୍ୟବସ୍ଥା ବିଭାଗୀୟ କର୍ମଚାରୀମାନେ କରୁଥିବା କହିଛନ୍ତି, ଏନେଇ ଜିଲ୍ଲା ଶିଶୁ ବିକାଶ ଅଧିକାରିଣୀ, କଳମପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ସୁପରଭାଇଜର ଅଭିଯୋଗ ନ ହେଲେ କୌଣସି ପଦକ୍ଷେପ ନିଆଯାଇ ପାରିବ ନାହିଁ ବୋଲି କହିଛନ୍ତି, ଏହି ମନ୍ତବ୍ୟ ଏଠାରେ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି, ଯଦି ଅଭିଯୋଗ ନ ହୁଏ ତେବେ ଆଜି ୧୫ ବର୍ଷର ଝିଅ ସନ୍ତାନ ପ୍ରସବ କରିବାକୁ ଯାଉଛି କାଲିକି ପୁଣି ୧୦ ବର୍ଷର ଝିଅଙ୍କ କ୍ଷେତ୍ରରେ ମଧ୍ୟ ଏପରି ଘଟିବ, ଫଳକରେ ଉଲ୍ଲେଖ ଏସବୁ ନୀୟମ ତାହେଲେ କାହାପାଇଁ, ଏହା ବାଲ୍ୟବିବାହ ନୁହେଁ କି, ଅପ୍ରାପ୍ତ ବୟସରେ ବିବାହ ଶାରିରୀକ ମାନସିକ ଓ ସାମାଜିକ ବିକାଶରେ ଏହା ବ୍ୟାଘାତ ନୁହେଁ କି, ଏ ପ୍ରଶ୍ନର ଉତ୍ତର ମିଳି ପାରିନାହିଁ, ପ୍ରକାଶ ଯେ କଳମପୁର ସିଡ଼ିପିଓ ଶ୍ରୀମତୀ ନିର୍ବାସିନୀ ଦେଇଙ୍କ ନେତୃତ୍ୱରେ ଏକ ଦଳ ନାବାଳିକା ବିବାହ ଖବର ପାଇ ସେହି ବିବାହ ଉପରେ ଅଙ୍କୁଶ ଲଗାଇଥିଲେ। ସେଠାରେ ଏକ ନକଲି ଆଧାର କାର୍ଡ ମିଳିଥିଲା, ଏଭଳି ଏନେକ ସ୍ଥଳରେ ନକଲି କାର୍ଡ ବ୍ୟବହାର ହୋଇ ବିବାହ କରାଯାଉଥିବା ବେଳେ ଏଥିରେ ବିଭାଗୀୟ କର୍ମଚାରୀଙ୍କ ହାତ ଥିବା ଅଭିଯୋଗ ହେଉଛି। ନାବାଳିକା ଗର୍ଭବତୀ ପ୍ରସଙ୍ଗ ଲୋକଙ୍କୁ ସଚେତନ ନିମନ୍ତେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ନା ପ୍ରୋତ୍ସାହନ ଭାବେ ଗ୍ରହଣ କରାଯିବ ତାହା ସମୟ ହିଁ କହିବ।




ସଭା ସମିତି ଓ ଫଳକରେ ଶୋଭା ବର୍ଦ୍ଧନ କରୁଛି ନିୟମ

## କ୍ଷୁଦ୍ର ଜଳସଚନ ବିଭାଗର ମନମାନି

# ନିମ୍ନମାନର କେନାଲ ନିର୍ମାଣ



ଦେଓଗାଁ, ୨୪।୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟସ୍ଥିତ ଯୋଗୀସାଗର ଏମଆଇପି ପ୍ରୋଜେକ୍ଟରୁ ଜଳସେଚନ କରି ୫୦ରୁ ଊର୍ଦ୍ଧ୍ୱ ଚାଷୀ ରବି ଋତୁରେ ଧାନଚାଷ କରୁଛନ୍ତି। ତେବେ ଏହି ପ୍ରକଳ୍ପରୁ ଜଳସେଚନ ପାଇଁ ପୂର୍ବରୁ ରହିଥିବା କେନାଲ ପ୍ରାୟ ନଷ୍ଟ ହେବାକୁ ବସିଛି। ଏହାର ମରାମତି କରିବା ପାଇଁ ଚାଷୀ ଦାବି କରିଆସୁଛନ୍ତି। ଏଣୁ କିଛି ଦିନ ହେଲା ସମ୍ପୃକ୍ତ ବିଭାଗ ତରଫରୁ ଅର୍ଥ ମଞ୍ଜୁର କରି କେନାଲ ନିର୍ମାଣ କାମ ଆରମ୍ଭ ହୋଇଛି। ତେବେ ଏହି କାମ ଆରମ୍ଭ କରିବା ପୂର୍ବରୁ ସରକାରୀ ନିୟମାନୁସାରେ ସୂଚନା ଫଳକ ଲଗାଇବା କଥା; ହେଲେ ଏଠାରେ ନୀୟମ ଉଲ୍ଲଙ୍ଘନ କରାଯାଇଛି। ସୂଚନାଫଳକ ଲଗା ଯାଇନି। ଏଣୁ କେଉଁଠାରୁ କେତେ ପର୍ଯ୍ୟନ୍ତ କେନାଲ କାମ କରାଯିବ ଓ କେତେ ଅର୍ଥ ବ୍ୟୟ ହେବ ସେ ନେଇ ଚାଷୀ ଅନ୍ଧାରରେ ରହିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ ଠିକ୍ ରୂପେ ସଫେଇ କରା ଯାଇନି। ସାଇଡ୍ ୱାଲ ନ ଦେଇ କାମ କରାଯାଉଛି। ଠିକ୍ ରୂପେ ଲୁହା ରଡ୍ ବ୍ୟବହାର ହେଉ ନ ଥିବା ଅନୁମାନ କରାଯାଉଛି। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତରେ କାମ ଚାଲିଛି। ଏଣୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି। ଏଷ୍ଟିମେଟ ଅନୁସାରେ କାମ ହେଉନି। ଏଣୁ କାମର ମାନକୁ ନେଇ ତଦନ୍ତ କରାଯିବା କଥା। ସେହିଭଳି ସର୍ବସାଧାରଣର ଅବଗତି ପାଇଁ ସୂଚନା ଫଳକ ଲଗାଇବା କଥା ବୋଲି ଚାଷୀ ମହଲରେ ଦାବି ହୋଇଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କାମ ଆରମ୍ଭରୁ ଦେଖିଥିଲେ। ଆଗକୁ ଯାଇ ତଦାରଖ କରିବେ। ଏଷ୍ଟିମେଟକୁ ନେଇ ସୂଚନା ଫଳକ ଲାଗିବା କଥା; କିନ୍ତୁ କାହିଁକି ଲଗାଯାଇ ନାହିଁ ଦେଖିବେ ବୋଲି କହିଥିଲେ।

# ବଦଳି ନିର୍ଦ୍ଦେଶକୁ ଶିକ୍ଷୟିତ୍ରୀଙ୍କ ବେଖାତିର

● ରାଜନୈତିକ ପଶାପାଲିରେ ଶିକ୍ଷା ଅଧିକାରୀ

ଭବାନୀପାଟଣା, ୨୪।୨(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବେହେରପାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ପାଇଁ ଚାରିଜଣ ଶିକ୍ଷୟିତ୍ରୀ ଓ ଜଣେ ମାତ୍ର ଶିକ୍ଷକ କାର୍ଯ୍ୟରତ ଅଛନ୍ତି। କିନ୍ତୁ ଗତ ୮ ଜାନୁଆରୀ ୨୦୨୬ରେ କନିଷ୍ଠ ଶିକ୍ଷୟତ୍ରୀ ରଶ୍ମିତା ସାହୁଙ୍କୁ ପତ୍ର ସଂଖ୍ୟା ୧୨୯ ଅନୁଯାଇ ବ୍ଲକ ଶିକ୍ଷା ଅଧିକାରୀ ନର୍ଲାଙ୍କ ନିର୍ଦ୍ଦେଶ ମତେ ବେହେରାପାଟିରୁ ଚାରି କିଲୋମିଟର ଦୂର ଡୁମାଲପଡ଼ା ପ୍ରାଥମିକ ବିଦ୍ୟାଳୟକୁ ଶ୍ରୀମତି ସାହୁଙ୍କୁ ବଦଳି କରାଯାଇଥିଲା କିନ୍ତୁ ବଦଳି ନିର୍ଦ୍ଦେଶକୁ ଶିକ୍ଷୟିତ୍ରୀ ଜଣକ ମାନିବାକୁ ନାରାଜ ସେହି ସ୍କୁଲରୁ ରିଲିଫ କରାଯାଇଥିବା ସ୍ୱତ୍ତ୍ୱେ କଳବଲ କୌଶଳ କରି କିଛି ରାଜନେତାଙ୍କ ସରଣାପନ୍ନ ହୋଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଅନଧିକାର ଚାପ ପ୍ରୟୋଗ କରି ବଦଳି ନିର୍ଦ୍ଦେଶକୁ ବେଖାତିର ମାସେରୁ ଊର୍ଦ୍ଧ୍ୱ ସମୟ ଧରି ସେହିସ୍କୁଲରେ ଯୋଗଦେଲେ ନାହିଁ ଫଳରେ ବଦଳି ହୋଇଥିବା ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ରେ ଗଭୀର ବ୍ୟାଘାତ ଘଟିଥିଲା ଏବଂ ଡୁମାଲପଡ଼ା ସ୍କୁଲର ଶିକ୍ଷା ପରିଚାଳନା କମିଟି ଓ ଗ୍ରାମବାସୀ ବାଧ ହୋଇ ସ୍କୁଲରେ ତାଲା ପକାଇ ଶିକ୍ଷକ ଦେବା ପାଇଁ ପ୍ରତିବାଦ କରିଥିଲେ। ତଥାପି ଶିକ୍ଷୟିତ୍ରୀ ଜଣକ ସରକାରୀ ନିର୍ଦ୍ଦେଶକୁ ଖୁଲମ୍ ଖୁଲା ଅବମାନନା କରି ସ୍କୁଲରେ ଯୋଗଦାନ କଲେ ନାହିଁ ଓଲଟା ରାଜନୈତିକ ଚାପା ପ୍ରୟୋଗ କରି ଶିକ୍ଷା ଅଧିକାରୀମାନଙ୍କୁ ନାଲି ଆଖି ଦେଖାଇବାରେ ପଛଘୁଞ୍ଚା ଦେଲେ ନାହିଁ। ଶେଷରେ ବ୍ଲକ ଶିକ୍ଷା ଅଧିକାରୀ ନର୍ଲା ବାଧ ହୋଇ ଉକ୍ତ ନିର୍ଦ୍ଦେଶକୁ ବାତିଲ କରି ସେହି ସ୍କୁଲର ଆଉଜଣେ ଶିକ୍ଷକ ସହଦେବ କରୁଆଁ ଙ୍କୁ ପତ୍ର ସଂଖ୍ୟା ୨୯୧ ତାରିଖ ୧୬.୨.୨୦୨୬ରେ କିଛି ଦିନ ପାଇଁ ଡୁମାଲପଡ଼ା ସ୍କୁଲକୁ ବଦଳି କରାଯାଇଥିବା ଗ୍ରାମବାସୀ ଓ ଅଭିଭାବକ ପ୍ରକାଶ କରିଛନ୍ତି। କିନ୍ତୁ ଏଠି ବଡ଼ ପ୍ରଶ୍ନ ଜଣେ କନିଷ୍ଠ ଶିକ୍ଷୟିତ୍ରୀ ସରକାରଙ୍କ ନିର୍ଦ୍ଦେଶକୁ ନ ମାନିବା ଅଧିକାରୀମାନଙ୍କୁ ଭୟଭିତ କରି ନିଜ ବଦଳି ନିର୍ଦ୍ଦେଶକୁ ବାତିଲ କରାଇବା ଶିକ୍ଷା ବିଭାଗ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତକାରୀ ଦଳ ଗଠନ କରି ସରକାରୀ ବଦଳି ନିର୍ଦ୍ଦେଶକୁ କାହିଁକି ଓ କଣ ପାଇଁ ଅବମାନନା କରାଯାଇଛି ତଦନ୍ତ କରାଯାଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

# ଖଡ଼ିଆଳ ବ୍ଲକ୍‌ରେ ବାନରସେନା ମଞ୍ଚର ବୈଠକ

ଖଡ଼ିଆଳ, ୨୪।୨(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୀରବନ୍ଧ ଶିବମନ୍ଦିର ଠାରେ ବାନର ସେନା ମଞ୍ଚ ତରଫରୁ ପ୍ରଥମ ଥର ବ୍ଲକସ୍ତରୀୟ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତରୁ କାର୍ଯ୍ୟକର୍ତ୍ତାମାନେ ଯୋଗଦାନ କରିଥିଲେ। ବାନରସେନା ଜିଲ୍ଲା ସଭାପତି ଶେଷଦେବ ପ୍ରଧାନୀ ସଭା ପରିଚାଳନା କରଥିବା ବେଳେ ସଭାର ଉଦ୍ଦେଶ୍ୟ ଉପରେ ସମ୍ୟକ ଆଲୋଚନା କରିଥିଲେ। ଆଗାମୀ ବୈଠକରେ ପଞ୍ଚାୟତ ସ୍ତରୀୟ ସଭାପତି ଓ ଉପସଭାପତି ଘୋଷଣା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପଞ୍ଚାୟତସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତି ନିଆଯାଇଥିଲା। କାର୍ଯ୍ୟକ୍ରମରେ କାର୍ତିକ ବାଗ, ଉମାକାନ୍ତ ସାଗରିଆ, କ୍ଷୀରସିନ୍ଧୁ ତାଣ୍ଡି, ମଣିମାଳିନୀ ଦେବି, ଦେବକୀ ବୈଠରୁ ବିଶେଷ ସହଯୋଗ କରିଥିଲେ ଓ ସେବାମୂଳକ କାର୍ଯ୍ୟକ୍ରମ ଯଥା ମନ୍ଦିର ସଫେଇ, ସ୍ୱଚ୍ଛତା ହିଁ ସେବା, ପ୍ଲାଷ୍ଟିକ ମୁକ୍ତ ଭାରତ ଅଭିଯାନ, ନିଶା ମୁକ୍ତ ଅଭିଯାନ, ଏକ ପେଡ ବାନର ସେନା କେ ଲିଏ, କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଖଡ଼ିଆଳ ବ୍ଲକର ବିଭିନ୍ନ ପଞ୍ଚାୟତରୁ କାର୍ଯ୍ୟ କର୍ତ୍ତାମାନେ ଯୋଗ ଦେଇଥିଲେ।

# ଚିଟୈଗୁଡାରେ ନାରୀ ସଚେତନତା କାର୍ଯ୍ୟକ୍ରମ




ଜୁନାଗଡ଼, ୨୪।୨(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଚିଟୈଗୁଡାରେ ମହିଳାଙ୍କ ସଚେତନତାକୁ ନେଇ ଭାରତୀୟ ଆଦିମ ଜାତି ସେବାସଂଘ ଓ ଧର୍ମଗଡ଼ ଶକ୍ତି ସଦନ କାର୍ଯ୍ୟାଳୟ ତରଫରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ଼ ମହିଳା ଓ ଶିଶୁ ବିଭାଗର ସୁପର ଭାଇଜର ପୁଷ୍ପାଞ୍ଜଳି ମୁଣ୍ଡ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁମା ଶଶୀରେଖା ମେହର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।ଧର୍ମଗଡ଼ ଶକ୍ତିସଦନର ପରିଚାଳିକା ସସ୍ମିତା ପାତ୍ର ମହିଳାମାନେ କିଭଳି ଶିକ୍ଷା କ୍ଷେତ୍ରରେ କିଭଳି ଆଗକୁ ଯିବେ, ସେମାନେ କେମିତି ଆତ୍ମନିର୍ଭରଶିଳ ହେବେ, ସ୍ୱାସ୍ଥ୍ୟର ଯତ୍ନନେବେ, ନିର୍ଯାତନାରୁ କିଭଳି ଦୁରେଇ ରହିବେ ତଥା ବାଲ୍ୟ ବିବାହରୁ ଦୁରେଇ ରହିବା ସହ ସରକାରଙ୍କ ତରଫରୁ ମହିଳାଙ୍କ ପାଇଁ ଥିବା ସମସ୍ତ ସୁବିଧା ସୁଯୋଗ ବିଷୟରେ ବୁଝାଇ ଥିଲେ। କାର୍ଯ୍ୟାଳୟ ସହଯୋଗି ଦେବରାଜ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାହାଘର ଭୋଜିରେ ଦେଶୀ ସ୍ୱାଦ୍

# ସାହୁ ପରିବାର ପରଷୁଛନ୍ତି ଥଣ୍ଡା ଥଣ୍ଡା ଆଖୁ ରସ



କୋମନା, ୨୪।୨(ସମିସ): ସାଧାରଣତଃ ବାହାଘର ଭୋଜି କହିଲେ ଆମ ଆଖି ଆଗକୁ ନାନା ପ୍ରକାରର ରଙ୍ଗୀନ ପାନୀୟ ବା କୋଲ୍ଡ ଡ୍ରିଙ୍କସର ଚିତ୍ର ଆସିଥାଏ। କିନ୍ତୁ ଏବେ ସୋସିଆଲ ମିଡିଆରେ ଏକ ନିଆରା ବାହାଘରର ଭିଡିଓ ଓ ଫଟୋ ବେଶ୍ ଭାଇରାଲ ହେବାରେ ଲାଗିଛି। ଯେଉଁଠାରେ ଅତିଥିମାନଙ୍କୁ ପରଷା ଯାଉଛି ସତେଜ ଆଖୁ ରସ। ଏହି ବାହାଘର ଭୋଜିରେ କୌଣସି କୃତ୍ରିମ ପାନୀୟ ନୁହେଁ, ବରଂ ପ୍ରତ୍ୟକ୍ଷ ଭାବେ ଆଖୁ ପେଡ଼ା ଯାଇ ଅତିଥିମାନଙ୍କୁ ଥଣ୍ଡା ଥଣ୍ଡା ରସ ପିଇବାକୁ ଦିଆଯାଉଛି। ବଜାରରେ ମିଳୁଥିବା ମିଠା ଓ କେମିକାଲ ଯୁକ୍ତ ପାନୀୟ ତୁଳନାରେ ଆଖୁ ରସ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ। ଏହାକୁ ଅତିଥିମାନେ ବେଶ୍ ପସନ୍ଦ କରିଛନ୍ତି। ଭୋଜି ସାମ୍ନାରେ ଏକ ଆଖୁ ପେଡ଼ା ମେସିନ ଲଗାଯାଇଛି, ଯେଉଁଠାରେ ଲୋକଙ୍କ ଆଗରେ ସତେଜ ରସ ବାହାର କରାଯାଇ ଦିଆଯାଉଛି। ଆଧୁନିକତାର ଚାକଚକ୍ୟ ଭିତରେ ଏଭଳି ଏକ ଦେଶୀ ଶୈଳୀର ପରିବେଶକୁ ଉତ୍ସବମୁଖର କରିଦେଇଛି। ଭୋଜି ପରେ ଥଣ୍ଡା ଆଖୁ ରସ ପିଇ ମନ ଶାନ୍ତି ହୋଇଗଲା, ବୋଲି ଜଣେ ଅତିଥି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



କେସିଙ୍ଗା, ୨୪।୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବାଲସୀସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠରେ ନବମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର କୁଳଦୀପ ସାହୁଙ୍କୁ ଓଷ୍ଟା ରାଜ୍ୟ ଶାଖା, କଟକରେ ମେଧାବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି।

ଚଳିତବର୍ଷ ଓଷ୍ଟା ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ମେଧାବୀ ଅନ୍ୱେଷଣ ପ୍ରତିଯୋଗିତାରେ ଉତ୍ତମ ଗୁଣାଙ୍କେ ଓ ମେଧାବୀସମ୍ପନ୍ନ ଦକ୍ଷତାର ପ୍ରଦର୍ଶନ କରି ରାଜ୍ୟର ଶ୍ରେଷ୍ଠ ଶହେ ଛାତ୍ରଛାତ୍ରୀଙ୍କ ତାଲିକାରେ କୁଳଦୀପ ସ୍ଥାନ ପାଇ ପାରିଥିଲେ। ତାଙ୍କ ସଫଳତା ବିଦ୍ୟାଳୟର ଗର୍ବ ଓ ଗୌରବ ବୃଦ୍ଧି କରିବାରେ ସହାୟକ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ କୁମାର ଦେବତା ଖୁସି ବ୍ୟକ୍ତ କରିବା ସହ ବିଦ୍ୟାଳୟ ପରିସରରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଧନସରା ଗାଁରେ ବେଆଇନ ଇଟାଭାଟି

# ନିଆଁ ଓ ଧୂଆଁରେ ଗ୍ରାମବାସୀ ଅତିଷ୍ଠ



କୋକସରା, ୨୪।୨(ସମିସ)

ସରକାରୀ ଜମି, ନଦୀ କୂଳିଆ ଅଞ୍ଚଳରେ ଇଟା ବେପାରୀ ଇଟା ଗଢି ମାଲାମାଲ ହେଉଛନ୍ତି। ବେଆଇନ ଭାବରେ ଇଟା ତିଆରୀ କରୁଥିବା ବେପାରୀଙ୍କ ପାଇଁ ପ୍ରତି ବର୍ଷ ସରକାରଙ୍କ ଲକ୍ଷାଧିକ ରାଜସ୍ୱହାନୀ ହେଉଛି। କଳାହାଣ୍ଡି ଜିଲ୍ଲା କୋକସରା ତହସିଲ ଅଧିନରେ ଥିବା କାଶିବାହଲ ପଞ୍ଚାୟତର ଧନସରା ଗ୍ରାମର ରାସ୍ତା ପାର୍ଶ୍ୱ, ନଦୀ ପଠା, ଗୋଚର ଜମି, ନାଳ ପୋଖରୀ ହୁଡ଼ା ଆଦି ସ୍ଥାନରେ ଏକାଧିକ ବେଆଇନ ଇଟାଭାଟି ଚାଲିଛି। ଏହି ବେଆଇନ ଇଟାଭାଟିକୁ ଗ୍ରାମର ଜନୈକ ବ୍ୟକ୍ତି ସରକାରୀ ନିୟମ କାନୁନ କୁ ବେଖାତିର କରି ଚଳାଇ ଆସୁଛନ୍ତି। ସରକରୀ ନିୟମ ମୁତାବକ ସ୍ଥାନୀୟ ତହସିଲ ଗୁଡିକରେ ପ୍ରଥମେ ରୋୟାଲଟି କାଟି ଇଟା ତିଆରୀ କରିବା କଥା। ଭାଟି ଅନୁସାରେ ୨୦ ହଜାରରୁ ଆରମ୍ଭ କରି ୨ଲକ୍ଷ ୫ ଲକ୍ଷ କ୍ଷମତା ବିଶିଷ୍ଟ ଭାଟି ହୋଇଥାଏ। ସେହି ଅନୁସାରେ ରୋୟାଲଟି ଭିନ୍ନ ଭିନ୍ନ ହୋଇଥାଏ। କିନ୍ତୁ ସମ୍ପୃକ୍ତି ଇଟା ବେପାରୀ ବର୍ଷ ବର୍ଷ ଧରି ସ୍ଥାନୀୟ ରାଜସ୍ୱ ବିଭାଗର କିଛି କର୍ମଚାରୀଙ୍କୁ ହାତକରି ଇଟା ବିକ୍ରି କରି ମାଲାମାଲ ହେଉଛନ୍ତି। ଅନ୍ୟପକ୍ଷେ ବିଭାଗର କିଛି କର୍ମଚାରୀ ରାଜସ୍ୱ ସଂଗ୍ରହ ଆଳରେ ଏହି ଗାଁକୁ ଗସ୍ତ କରି ଇଟା ଭାଟିର ମାଲିକମାନଙ୍କୁ ତାଗିଦ କରିବା ପରିବର୍ତ୍ତେ ପରୋକ୍ଷରେ ପ୍ରୋତ୍ସାହନ ହେଉଥିବା ଚର୍ଚ୍ଚା ହେଉଛି। ଇଟା ଭାଟିର ନିଆଁ ଓ ଧୂଆଁ ଯୋଗୁଁ ଗ୍ରାମବାସୀ ଅତିଷ୍ଠ ହୋଇ ପଡୁଛନ୍ତି। ବର୍ଷ ନୁହେଁ କୁ ଦୁଇ ବର୍ଷ ନୁହେଁ ଦୀର୍ଘ ବର୍ଷ ହେବ ଧନସାରା ଗ୍ରାମର ଏହି ଇଟା ବେପାରି ଜଣକ ଖୁଲମଖୁଲା କାରବାର ଚଲାଇ ଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନଥିବା ଯୋଗୁଁ ପ୍ରସାଶନର ଆଖି ସାମ୍ନାରେ ଏହି ବେଆଇନ କାରବାର କରି ଆସୁଛି। ଏହି ଗାଁର ଚାରିଆଡ଼େ ବେଆଇନ ଇଟାଭାଟି ଗୁଡିକ ଖୁଲମଖୁଲା ଚାଲିଥିଲେ ମଧ୍ୟ ପ୍ରସାଶନ ଦୃଷ୍ଟି ନ ଦେଇ ଶୋଇପଡ଼ିଲା ପରି ରହିଥିବା ଯୋଗୁଁ ରାଜସ୍ୱ ହାନି ଘଟୁଛି।ଏ ଦିଗରେ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବେଆଇନ ଭାବରେ କାରବାର କରୁଥିବା ଇଟା ଭାଟି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ଶିକ୍ଷକ ପିତାମ୍ବରଙ୍କୁ ସ୍ୱଚ୍ଛତା ମିତ୍ର ସମ୍ମାନ



ନୂଆପଡ଼ା, ୨୪।୨(ସମିସ): ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଅଭିଯାନରେ ସ୍ୱଚ୍ଛତା ମିତ୍ର ସମ୍ମାନ ପାଇଛନ୍ତି ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ରାଜପୁର ଗାଁର ଶିକ୍ଷକ ପିତାମ୍ବର ଦୀପ। ପିତାମ୍ବର ଦୀପ ଏବେ ଡୁର୍କାମୁଣ୍ଡା ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଅଭିଯାନରେ ମହତ ଲକ୍ଷ୍ୟ ରଖି ସାକାର କରିଛନ୍ତି ପିତାମ୍ବର। ପିତାମ୍ବର ନିଜ ସ୍ତ୍ରୀ ସହ ପ୍ରତିଦିନ ସକାଳ ୬ଟାରୁ ସକାଳ ୯ ଟା ପର୍ଯ୍ୟନ୍ତ ଓ ସନ୍ଧ୍ୟା ୪ଟାରୁ ୬ ଟା ପର୍ଯ୍ୟନ୍ତ ନିଜ ଗାଁ ରାଜପୁରରେ ଗଳି କନ୍ଦି ଯାଇ ପ୍ଲାଷ୍ଟିକ ଓ ପଲିଥିନ ସଂଗ୍ରହ କରି ଥାଆନ୍ତି। ପୁଣି ଘରକୁ ଘର ଯାଇ ଲୋକଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା ପାଇଁ ସଚେତନ କରି ଥାଆନ୍ତି। ପିତାମ୍ବରଙ୍କ ପରିବେଶ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ମିତ୍ର ସମ୍ମାନ ପ୍ରଦାନ କରା ଯାଇଛି। ବୋଡ଼େନ ବ୍ଲକର ବାବେବିର ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

